

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୨ ଜୁନ୍ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 12 JUNE 2020

Vol.No. 30 ■ No. 148 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts

From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman

ହାଇକୋର୍ଟର୍ ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ୍ ସାବିତ୍ରୀ ରଥ

କଟକ,୧୧।୬ (ନି.ପ୍ର): ହାଇକୋର୍ଟର ବିଚାରପତି ଭାବେ ଶପଥ ନେଇଛନ୍ତି ଜଷ୍ଟିସ୍ ସାବିତ୍ରୀ ରଥ । ମୁଖ୍ୟ ବିଚାରପତିଙ୍କୁ ମିଶାଇ ବିଚାରପତି ସଂଖ୍ୟା ୧୬ କୁ ବୃଦ୍ଧି । ଆଜି ହାଇକୋର୍ଟର ସମ୍ମେଳନ କକ୍ଷରେ ମୁଖ୍ୟ ବିଚାରପତି ତାଙ୍କୁ ଶପଥ ପାଠ କରାଇଛନ୍ତି । କରୋନା ପାଇଁ ନିରାଡ଼ମ୍ବର ଭାବେ ଏହି ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସାମାଜିକ ଦୂରତ୍ୱ ରକ୍ଷା କରି ଏ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସମସ୍ତେ ମୁହଁରେ ମାସ୍କ ପରିଧାନ କରିଥିବା ଦେଖିବାକୁ ମିଳିଥିଲା ।

ସୁସ୍ଥ ହେଲେ ୭୨ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୧୧।୬ (ନି.ପ୍ର): ରାଜ୍ୟରେ ଗୁରୁବାର ୧୩ଟି ଜିଲ୍ଲାରୁ ୭୨ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ ମୋଟ ୨୩୫୪ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ସୁସ୍ଥ ହୋଇଥିବା ୭୨ଜଣଙ୍କ ମଧ୍ୟରୁ ଗଞ୍ଜାମରୁ ୧୭ଜଣ, ସୋନପୁରରୁ ୯ଜଣ, ବଲାଙ୍ଗୀରରୁ ୭ଜଣ, ଜଗତସିଂହପୁରରୁ ୬ଜଣ, କଟକ, କଳାହାଣ୍ଡି ଓ ସୁନ୍ଦରଗଡରୁ ୫ଜଣ ଲେଖାଏଁ ସୁସ୍ଥ ହୋଇଥିବା ବେଳେ ବାଲେଶ୍ୱର ଏବଂ ମୟୁରଭଞ୍ଜରୁ ୪ଜଣ ଲେଖାଏଁ ସୁସ୍ଥ ହୋଇଛନ୍ତି । ଏହା ସହ ଖୋର୍ଦ୍ଧା, କନ୍ଧମାଳ ଏବଂ ସମ୍ବଲପୁରରୁ ୩ଜଣ ଲେଖାଏଁ ସୁସ୍ଥ ହୋଇଥିବା ସହ ଝାରସୁଗୁଡାରୁ ଜଣେ ସୁସ୍ଥ ହୋଇଛନ୍ତି ।

ଡିଏଲ୍ ଓ ଏଲଏଲ ସ୍ଲଟ ବୁକିଂ ବାତିଲ

ଭୁବନେଶ୍ୱର,୧୧।୬ (ନି.ପ୍ର): ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍) ଓ ଲର୍ଣ୍ଣିଂ ଲାଇସେନ୍ସ (ଏଲଏଲ) ପାଇଁ ସ୍ଲଟ ବୁକିଂ କୁ ବାତିଲ କରାଯାଇଛି । ଗୁରୁବାର ଠାରୁ ସ୍ଲଟ୍ ବୁକିଂ ଶ୍ରୀଆରମ୍ଭ ହେବ ବୋଲି ଗତକାଲି ପରିବହନ କମିଶନର ଘୋଷଣା କରିଥିଲେ ହେଁ ଏହାକୁ ବାତିଲ କରି ଖୁବ ଶୀଘ୍ର ସ୍ଲଟ ବୁକିଂର ଆଗାମୀ ତାରିଖ ପ୍ରକାଶ ପାଇବ ବୋଲି କୁହାଯାଇଛି । ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ଯେଉଁମାନଙ୍କର ଲର୍ଣ୍ଣିଂ ଲାଇସେନ୍ସର ବୈଧତା ୧୮.୦୩.୨୦୨୦ ରୁ ୩୦.୦୯.୨୦୨୦

▶▶ପୃଷ୍ଠା ୭

ଓଡିଶା ଛୁଇଁଲା ମୌସୁମୀ

ଭୁବନେଶ୍ୱର,୧୧।୬ (ନି.ପ୍ର): ଓଡ଼ିଶା ଛୁଇଁଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ । ପାଣିପାଗ ବିଭାଗର ଆକଳନ ଅନୁସାରେ ଠିକ୍ ସମୟରେ ମୌସୁମୀ ଓଡ଼ିଶା ଛୁଇଁଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ର ନିର୍ଦ୍ଦେଶକ ଏଚ ବିଶ୍ୱାସ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ମୌସୁମୀ ପ୍ରବେଶ ସହ ରାଜ୍ୟରେ ଏବେ ଲଗାଣ ବର୍ଷା ଆରମ୍ଭ ହେବ । ଚଳିତ ବର୍ଷ ରାଜ୍ୟରେ ସ୍ୱାଭାବିକ ମୌସୁମୀ ବର୍ଷା ହେବା ସହ ବର୍ଷାର ପରିମାଣ ୧୦୩ ପ୍ରତିଶତ ରହିପାରେ । ଅପରପକ୍ଷରେ ବଙ୍ଗୋପସାଗରେ ଲଘୁଚାପ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଛି । ମୌସୁମୀ ବାୟୁ ଓଡ଼ିଶାକୁ ଛୁଇଁ ଥିବାରୁ ବର୍ଷାର ପରିମାଣ ବଢିପାରେ । ବିଶେଷ କରି ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷିପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଜୁନ୍ ୧ରେ ମୌସୁମୀ କେରଳ ଛୁଇଁଥିଲା ।

ରାଜ୍ୟରେ ଆଉ ୧୩୬ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୩୩୮୬କୁ ବୃଦ୍ଧି

ଭୁବନେଶ୍ୱର,୧୧।୬ (ନି.ପ୍ର): ରାଜ୍ୟରେ ଆଉ ୧୩୬ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୩୩୮୬ କୁ ବୃଦ୍ଧି ପାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୧୩୬ ଜଣଙ୍କ ମଧ୍ୟରୁ ୧୩୪ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୨ ଜଣ ସ୍ଥାନୀୟ ଲୋକ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକୁ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୪ ଟି ଜିଲ୍ଲାର ହୋଇଥିବା ବେଳେ ଏମାନଙ୍କ ବାଦ । ଏନଡିଆରଏଫ, ଓଡ୍ରାଉ ଓ ଅଗ୍ନିଶମ ବିଭାଗର ୫୪ ଜଣ କର୍ମଚାରୀ ମଧ୍ୟ ରହିଥିବା ବୋଲି ଜଣା ପଡିଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ କେନ୍ଦୁଝର ଜିଲ୍ଲାରୁ ୮ ଜଣ, ଝାରସୁଗୁଡା ଜିଲ୍ଲାର ୪ ଜଣ, ଖୋର୍ଧା ଜିଲ୍ଲାର ୧୭ ଜଣ, ଢେଙ୍କାନାଳ ଜିଲ୍ଲାରୁ ୩ ଜଣ ତଥା କଟକ ଜିଲ୍ଲାରୁ

▶▶ପୃଷ୍ଠା ୭

ରଜ ପାଇଁ ଆଜି କର୍ଫ୍ୟୁ କୋହଳ

ଭୁବନେଶ୍ୱର, ୧୧ଜୁନ୍ - ଆସନ୍ତାକାଲି (ଶୁକ୍ରବାର) ନାଇଟ୍ କର୍ଫ୍ୟୁକୁ କୋହଳ କରିଛନ୍ତି ରାଜ୍ୟ ସରକାର । ରଜ ପର୍ବକୁ ଦୃଷ୍ଟିରେ ରଖି ଶୁକ୍ରବାର ସଂଧ୍ୟା ୭ଟା ବଦଳରେ ରାତି ୧୦ଟାରେ କର୍ଫ୍ୟୁ ଲାଗୁ କରିବାକୁ ସରକାର ନିଷ୍ପତି ନେଇଛନ୍ତି । ଫଳରେ ଶୁକ୍ରବାର ରାତି ୧୦ଟା ଯାଏଁ ଦୋକାନ ବଜାର ଖୋଲା ରହିବ । ରବିବାର ପହିଲି ରଜ ଥିବା ବେଳେ ଶନିବାର ଓ ରବିବାର ସଟ୍ ଡାଉନ୍ ରହିବ । ତେଣୁ ଶୁକ୍ରବାର ସଂଧ୍ୟାର କର୍ଫ୍ୟୁ କୋହଳ କରିବାକୁ ସରକାର ନିଷ୍ପତି ନେଇଛନ୍ତି । ଏ ସଂକ୍ରାନ୍ତରେ ଗୁରୁବାର ଦିନ ସ୍ୱତନ୍ତ୍ର ରିଲିଫ୍ କମିସନରଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି । ଅନ୍ୟପକ୍ଷରେ ରଜ ଉତ୍ସବକୁ ଦୃଷ୍ଟିରେ ରଖି କରୋନା ପାଇଁ ଉଗ୍ରତାରା ପୀଠ ଓ ବରୁଣେଇ ମନ୍ଦିରରେ ୧୪୪ ଧାରା ଜାରି କରାଯାଇଛି । ଜୁନ୍ ୧୪ ତାରିଖରୁ ୨୦ ତାରିଖ ଯାଏଁ ପ୍ରତିବର୍ଷ ଉଗ୍ରତାର ପୀଠ ଓ ବରୁଣେଇ ମନ୍ଦିରରେ ରଜ ଉତ୍ସବ ପାଳନ କରାଯାଏ । ଅଧିକ ଜନସମାଗମ ହେବାର ସମ୍ଭାବନା ଥିବାରୁ ଏଠାରେ ୭ ଦିନ ଧର ୧୪୪ ଧାରା ଜାରି କରାଯିବ । ଏହି ସମୟରେ କୌଣସି ପ୍ରକାର ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ନାହିଁ ।

କରୋନା ମହାଦୁର୍ନୀତିକୁ ନେଇ ସିବିଆଇକୁ ଘେରିଲା ନବନିର୍ମାଣ କୃଷକ ସଙ୍ଗଠନ: ନିଶାଣରେ ନବୀନଙ୍କ ସ୍ୱଚ୍ଛତା

ଭୁବନେଶ୍ୱର, ୧୧ ଜୁନ (ହି.ସ.)- କରୋନା ମହାଦୁର୍ନୀତିକୁ ନେଇ ଆଜି ସିବିଆଇ କାର୍ଯ୍ୟାଳୟ ଘେରିଛି ନବନିର୍ମାଣ କୃଷକ ସଙ୍ଗଠନ । ଖାଲି ସିବିଆଇ ଅଫିସ୍ ଘେରିନି ନବୀନଙ୍କ ସ୍ୱଚ୍ଛ ଭାବମୂର୍ତ୍ତିକୁ ନିଶାଣ କରିଛି ମଧ୍ୟ । ସରକାରଙ୍କ ସଟ୍‌ଡାଉନ୍, ଲକଡାଉନ୍‌କୁ ବେଖାତିର କରି ନବନିର୍ମାଣ କୃଷକ ସଙ୍ଗଠନ, ଯୁବ ସଙ୍ଗଠନର ଶତାଧିକ କର୍ମୀ ହାତରେ ଜାତୀୟ ପତାକା ଓ ଦୁର୍ନୀତି ବିରୋଧୀ ପତାକା ଧରି ସିବିଆଇ କାର୍ଯ୍ୟାଳୟ ଘେରାଉ କରିଥିଲେ । ନବୀନ ପଟ୍ଟନାୟକଙ୍କ ବିରୁଦ୍ଧରେ ବିଭିନ୍ନ ନାରାଦେଇଥିଲେ । ସିବିଆଇ ଅଫିସ୍ ପ୍ରକମ୍ପିତ କରିଥିଲେ । ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଏଣିକି ନବନିର୍ମାଣ କୃଷକ ସଙ୍ଗଠନ କେବଳ କୃଷି ସମସ୍ୟା ନୁହେଁ ବରଂ ରାଜ୍ୟର ସ୍ୱାର୍ଥ ସମ୍ବଳିତ ଯେତେ ସମସ୍ୟା ଓ ସମସ୍ତ ଜନବିରୋଧୀ ନୀତି ବିରୋଧରେ ଆନ୍ଦୋଳନକୁ ଓହ୍ଲାଇବ । ଆଉ ବେଶିଦିନ ନବୀନଙ୍କ ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ । ମାସ୍କ କିଣାଠାରୁ ଭେଂଟିଲେଟର କିଣାରେ ଯେଭଳି ବଡ଼ ଧରଣର ନଗ୍ନ ଦୁର୍ନୀତି ହୋଇଛି ସେଥିରୁ ସରକାରଙ୍କୁ ହୁଗୁଳିବାକୁ ଦିଆଯିବ ନାହିଁ । ଲୋକଙ୍କ ଲୁଟ୍ ଟଙ୍କା ଫେରିବା ସହିତ ଏଭଳି ଦୁର୍ନୀତି କରୁଥିବା ଅଫିସରଙ୍କୁ ଜେଲ୍ ପଠାଇବା ଯାଏଁ ସଂଗ୍ରାମ ଜାରି ରହିବ । ଓଡ଼ିଶାର ରାଜନୈତିକ କ୍ଷେତ୍ରରେ ଶୂନ୍ୟତା ବିଜେଡ଼ିକୁ ଦୁର୍ନୀତିଗ୍ରସ୍ତ କରିଛି । ଯୁବଛାତ୍ର, ମଜଦୁର କୃଷକଙ୍କୁ ନେଇ ଏହି ଭ୍ରଷ୍ଟାଚାର ବିରୋଧୀ ଆନ୍ଦୋଳନକୁ ଏଭଳି ତେଜିୟାନ କରାଯିବ ଯେ ଆସନକୁ ମୋଡ଼ିଚକଟି କ୍ଷମତାର ଅପବ୍ୟବହାର କରିବାକୁ ଆଉ କେହି ସାହସ କରିବେ ନାହିଁ । ଲକ୍‌ଡାଉନ୍, ସଟଡାଉନ୍ ନାମରେ ଲୋକଙ୍କ ପେଟକୁ ଗୋଇଠା ମାରି ଲକ୍ଷ ଲକ୍ଷ ଲୋକଙ୍କ ରୋଜଗାର ଖତମ କରି ବିପର୍ଯ୍ୟୟ ସମୟରେ ଲୋକଙ୍କୁ ଓ ରାଜ୍ୟକୁ ଲୁଟ୍ କରୁଥିବା ଆଇ.ଏ.ଏସ୍ ଓ ରାଜନେତାମାନେ ସୟିତାନଙ୍କଠାରୁ ଭୟଙ୍କର । ଏଭଳି ନେତାଙ୍କର ମୁଖା ଖୋଲିବା ପାଇଁ ତୁରନ୍ତ ସିବିଆଇ ତଦନ୍ତ ଲୋଡ଼ା । ସଙ୍ଗଠନ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ସମ୍ ଓ କିଟ୍‌କୁ ଦିଆଯାଇଥିବା

▶▶ପୃଷ୍ଠା ୭

ସୋରିଆସିସ ରୋଗରେ ପୀଡିତ ଥିବା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ

ଭୁବନେଶ୍ୱର,୧୧।୬ (ନି.ପ୍ର): ସୋରିଆସିସ ରୋଗରେ ପୀଡିତ ଥିବା ଜଣେ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । । ୩୮ ବର୍ଷୀୟା ମହିଳାଙ୍କ ପଜିଟିଭ ବାହାରିଥିଲା । ମହିଳା ଜଣଙ୍କ କରୋନା ସହ ଅନ୍ୟ ରୋଗରେ ପାଡିତ ଥିଲେ । । ସେପଟିକ ସକ୍ ଓ ମଲ୍ଟି ଅର୍ଗାନ ଫେଲ ପାଇଁ ମୃତ୍ୟୁ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

କୋଭିଡ଼ ପାଇଁ ୟୁଜି, ପିଜିର ଥିଓରୀ ଓ ପ୍ରାକ୍ଟିକାଲ ପରୀକ୍ଷା ବାତିଲ

ଭୁବନେଶ୍ୱର,୧୧।୬ (ନି.ପ୍ର): ଓଡ଼ିଶାର କୋଭିଡ଼-୧୯କୁ ଦୃଷ୍ଟିରେ ରଖି ଅଣ୍ଡର ଗ୍ରାଜୁଏଟ୍ ଓ ପୋଷ୍ଟ ଗ୍ରାଜୁଏଟ୍ ପାଠ୍ୟକ୍ରମର ଫାଇନାଲ ସେମିଷ୍ଟାର ଓ ଫାଇନାଲ ଇୟାରର ବାକିଥିବା ଥିଓରି ଓ ପ୍ରାକ୍ଟିକାଲର ସମସ୍ତ ପରୀକ୍ଷା ବାତିଲ କରାଯିବ । ରାଜ୍ୟ ସରକାରଙ୍କର ଉଚ୍ଚ ଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚଶିକ୍ଷା ସମ୍ବନ୍ଧୀୟ ଭିଡ଼ିଓ କନଫରେନସ ବୈଠକରେ ଏହି ନିଷ୍ପତି ହୋଇଛି । ଉକ୍ତ ବୈଠକରେ ଉଚ୍ଚ ଶିକ୍ଷା ବିଭାଗ ଅଧିନରେ ଥିବା ବିଶ୍ୱ ବିଦ୍ୟାଳୟ ମାନଙ୍କର କୁଳପତି ଏବଂ ରାଜ୍ୟ ସରକାରୀ ଓ ଅନୁଦାନପ୍ରାପ୍ତ ବେସରକାରୀ ଅଟୋନୋମାସ କଲେଜର ପ୍ରିନ୍ସିପାଲମାନେ ଯୋଗ ଦେଇଥିଲେ । ସମ୍ପୃକ୍ତ କୁଳପତି ଓ ପ୍ରିନ୍ସିପାଲମାନେ ବର୍ତମାନ ସମୟରେ ପରୀକ୍ଷା କରାଇଲେ ଯେଉଁ ସମସ୍ୟା ଉପୁଜିବ ତାହା ବିଭାଗକୁ ଅବଗତ କରାଇଥିଲେ । କୋଭିଡ଼-୧୯ର ମାର୍ଗଦର୍ଶିକାକୁ କୌଣସି ପରିସ୍ଥିତିରେ ପରିବର୍ତନ କରାଯାଇପାରିବ ନାହିଁ । ସାମାଜିକ ଦୂରତ୍ୱ ଓ ସାନିଟାଇଜେସନ ପାଳନ କରାଯିବାର ଆବଶ୍ୟକତା ରହିଛି । ମୂଲ୍ୟାୟନର ବିକଳ୍ପ ବ୍ୟବସ୍ଥା ଅନୁସରଣ କରିବା ଅଧିକ ବ୍ୟବହାରିକ ହେବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ । ଅନ୍ୟ ରାଜ୍ୟର ବିଶ୍ୱ ବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷା ସଂସ୍ଥାଗୁଡ଼ିକ କିପରି କୋଭିଡ଼-୧୯ ପରିସ୍ଥିତି ଯୋଗୁଁ ସମସ୍ତ ପରୀକ୍ଷା ବାତିଲ କରି ବିକଳ୍ପ ମୂଲ୍ୟାୟନ ବ୍ୟବସ୍ଥା କରିଛନ୍ତି ସେ ନେଇ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ଓ କିଛି କୁଳପତିମାନେ ଅନୁରୂପ ଭାବେ ବିଭାଗକୁ ଜଣାଇଥିଲେ । ବିସ୍ତୃତ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ଜୁନ୍ ଓ ଅଗଷ୍ଟ ମାସ ମଧ୍ୟରେ ଧାର୍ଯ୍ୟ କରାଯାଇଥିବା ୟୁଜି ଓ ପିଜି ପାଠ୍ୟକ୍ରମର ଫାଇନାଲ ଇୟାର ଓ ଫାଇନାଲ ସେମିଷ୍ଟାର ପରୀକ୍ଷା ବର୍ତମାନ ପରିସ୍ଥିତିରେ ସମ୍ଭାବନା କମ୍ ଦେଖାଯାଉଛି ବୋଲି ସେମାନେ କହିଥିଲେ । ମତାମତକୁ ବିଚାରକୁ ନେଇ ରଜ୍ୟ ସରକାର ୟୁଜି ଓ ପିଜି ପାଠ୍ୟକ୍ରମର ଫାଇନାଲ ସେମିଷ୍ଟାର ଓ ଫାଇନାଲ ଇୟାରର ବାକିଥିବା ଥିଓରି ଓ ପ୍ରାକ୍ଟିକାଲର ସବୁ ପରୀକ୍ଷା ବାତିଲ କରିବା ପାଇଁ ନିଷ୍ପତି ନିଆଯାଇଛି । ବିଶ୍ୱବିଦ୍ୟାଳୟ,

▶▶ପୃଷ୍ଠା ୭

ବଢ଼ିଲା ପେଟ୍ରୋଲ ଓ ଡିଜେଲ ଦର

ଭୁବନେଶ୍ୱର,୧୧।୬ (ନି.ପ୍ର): ପେଟ୍ରୋଲ, ଡିଜେଲ ଦର ପୁନର୍ବାର ଫଚମ ଥର ପାଇଁ ଲଗାତର ଭାବେ ବୃଦ୍ଧି ପାଇଛି । ଉଭୟ ତେଲ ଲିଟର ପିଛା ୬୦ ପଇସା ବୃଦ୍ଧି ଘଟିଛି । ବର୍ତମାନକୁ ମିଶାଇ ସମୁଦାୟ ପାଂଚ ଥରରେ ପେଟ୍ରୋଲ ୨ ଟଙ୍କା ୭୪ ପଇସା ବୃଦ୍ଧି ପାଇଥିବା ବେଳେ ଡିଜେଲ ଦର ଲିଟର ପିଛା ୨ ଟଙ୍କା ୮୩ ପଇସା ବଢ଼ିଛି । ସୂଚନାଯୋଗ୍ୟ ଯେ, ବର୍ତମାନ କରୋନା ପରିସ୍ଥିତିରେ ଏହି ତେଲ ବୃଦ୍ଧି ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି । ରାଜଧାନୀ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୭୪.୪୮ ପଇସା ରହିଛି ।

ରଜ କିଣାକିଣି ବେଳେ ସାମାଜିକ ଦୂରତା ମାନନ୍ତୁ : ବାଗଚୀ



ଭୁବନେଶ୍ୱର,୧୧।୬ (ନି.ପ୍ର): ରଜ ପର୍ବ ପାଇଁ ଗାଁରୁ ସହର ପର୍ଯ୍ୟନ୍ତ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଏହି ପର୍ବରେ ଲୋକେ ନୂଆ ପୋଷାକ ପତ୍ର କିଣାକିଣି କରିବାକୁ ଲୁଗା ଦୋକାନରେ ଭିଡ ଜମୁଛି । ଭିଡ ହେଉଛି କରୋନା ସଂକ୍ରମଣ ବ୍ୟାପିବା ଲାଗି ଅନୁକୂଳ ବାତାବରଣ । ତେଣୁ କିଣାକିଣି କରୁକରୁ କରୋନା ବି ଘରକୁ ଚାଲିଆସିବା ଆଶଙ୍କା ରହିଛି ବୋଲି କହିଛନ୍ତି ରାଜ୍ୟ ସରକାରଙ୍କ କୋଭିଡ ମୁଖ୍ୟ ମୁଖପାତ୍ର ସୁବ୍ରତ ବାଗ୍‌ଚୀ । ଶ୍ରୀ ବାଗ୍‌ଚୀ କହିଛନ୍ତି, ରଜ ବଜାରରେ ଦୋକାନୀ ଭାଇମାନେ ନିଜେ ମାସ୍କ ଓ ଗ୍ଲୋଭସ ପିନ୍ଧିବେ , ମାସ୍କ ଓହ୍ଲାଇ କଥାବାର୍ତା କରିବେ ନାହିଁ । ବିନା ମାସ୍କରେ ଗ୍ରାହକଙ୍କୁ ଭିତରକୁ ଆଣିବେ ନାହିଁ । ଗ୍ରାହକଙ୍କର ହାତ ସାନିଟାଇଜ କରିବେ । ନଗଦ କାରବାର ନକରି ଡିଜିଟାଲ ପେମେଂଟ ପେମେଂଟର ବ୍ୟବସ୍ଥା କରିବେ । ସେହିପରି ଗ୍ରାହକମାନଙ୍କୁ ମଧ୍ୟ ସତର୍କତା ଅବଳମ୍ବନ କରିବେ । ବଜାରକୁ ପରିବାରର ଅନେକ ସଦସ୍ୟ ନ ଯାଇ ଯଥାସମ୍ଭବ ଜଣେ ମାତ୍ର ସଦସ୍ୟ ମାଧ୍ୟମରେ ସାମଗ୍ରୀ କ୍ରୟ କରନ୍ତୁ । ଗହଳିଥିବା ଦୋକାନ ବା ବଜାରଠାରୁ ଦୂରରେ ରୁହନ୍ତୁ । ଦୋକାନ ବାହାରେ ଏବଂ ଭିତରେ ଛଅ ଫୁଟ ଦୂରରେ ରୁହନ୍ତ । ମାସ୍କ ପିନ୍ଧି କଥାବାର୍ତା କରନ୍ତୁ । ଗହଳିରୁ ରକ୍ଷା ପାଇବା ପାଇଁ ପୂର୍ବରୁ ଯଥା ସମ୍ଭବ ଫାଙ୍କା ସମୟରେ ସାମଗ୍ରୀ କିଣିବା ପାଇଁ ଯୋଜନା କରନ୍ତୁ । ଘରକୁ ଆଣିଥିବା କିଣା ଜିନିଷକୁ ବାହାରେ କିଛି ଘଂଟା ରଖନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି ।

▶▶ପୃଷ୍ଠା ୭

କରୋନା ମହାଦୁର୍ନୀତିର୍ ନିରପେକ୍ଷ ତଦନ୍ତ ଦାବିରେ୍ କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର,୧୧।୬ (ନି.ପ୍ର): କରୋନା ମହାମାରୀ ମହାଦୁର୍ନୀତିର ନିରପେକ୍ଷ ତଦନ୍ତ ଦାବିରେ ଆଜି ରାଜଭବନ ଠାରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଓ କାର୍ଯ୍ୟକାରୀ ସଭାପତି ଶ୍ରୀ ପ୍ରଦୀପ ମାଝୀ ରାଜ୍ୟପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ଔଷଧ ନିଗମ ମାସ୍କ କିଣାରେ କୋଟି କୋଟି ଟଙ୍କା ବ୍ୟୟ କରିଛନ୍ତି । କେନ୍ଦ୍ରର ନିର୍ଦ୍ଦେଶନାମା ଅନୁଯାୟୀ ମାସ୍କର ପାଇକାରୀ ମୂଲ୍ୟ ସର୍ବୋଚ୍ଚ ୧୦ ଟଙ୍କା ଏବଂ ୧୬ ଟଙ୍କା ରଖାଯାଇଥିଲା । ଓଡିଶା ଔଷଧ ନିଗମ ତାମିଲନାଡୁର ବିଷ୍ଣୁ ଡିସ୍‌ପୋଜେବ୍‌ଲ ପ୍ରାଃ.ଲିଃ କମ୍ପାନୀ ଠାରୁ ୧୬ ଟଙ୍କାରେ ୩୦ ଲକ୍ଷ ମାସ୍କ କିଣିଛନ୍ତି । ସମାନ ଧରଣର ୩ ଲେୟାର ମାସ୍କକୁ ଦିଲ୍ଲୀ, ପଣ୍ଡିଚେରୀ

ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁରୀ କପଡ଼ାରେ ପ୍ରସ୍ତୁତ ୫ ହଜାର ମାସ୍କ ସେବାୟତଙ୍କୁ ପ୍ରଦାନ କରାଯିବ

ଦ୍ୱିତୀୟ ପର୍ଯ୍ୟାୟରେ ପୁଣି ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ବ୍ୟବସ୍ଥା - ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ପୁରୀ,୧୧/୬ (ନି.ପ୍ର): କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତଙ୍କୁ ମାସ୍କ ପ୍ରଦାନ କରାଯିବ । ଏଥିପାଇଁ ବୟନିକା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସଏଚଜି) ଗ୍ରୁପ୍ ସହିତ କଥାବାର୍ତ୍ତା ଚାଲିଛି । ସମ୍ବଲପୁରୀ କପଡ଼ାରେ ପ୍ରସ୍ତୁତ ଏହି ମାସ୍କ ପ୍ରଦାନ କରାଯିବ । ପ୍ରଥମ ପର୍ଯ୍ୟାୟରେ ୫ ହଜାର ମାସ୍କ ପ୍ରଦାନ କରାଯିବ । ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କିଶନ କୁମାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଆଜି ଶ୍ରୀମନ୍ଦିର କାର୍ଯ୍ୟାଳୟ ଠାରେ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କିତ ଅନୁଷ୍ଠିତ ଏକ ବୈଠକ ଯୋଗଦେଇ ପରେ ସେ ଏହି ସୂଚନା ଦେଇଥିଲେ । କରୋନା ମହାମାରୀ ଓ ଲକ୍ ଡାଉନ୍ ଯୋଗୁଁ ଶ୍ରୀମନ୍ଦିରରେ ଭକ୍ତ ମାନଙ୍କ ଦର୍ଶନ ବନ୍ଦ ରହିଛି । ଏଥିଯୋଗୁଁ ସେବାୟତ ମାନେ ଆର୍ଥିକ ସଙ୍କଟରେ ପଡିଛନ୍ତି । ପ୍ରଥମ ପର୍ଯ୍ୟାୟରେ ପ୍ରତି ସେବାୟତ ପରିବାରକୁ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ପୁଣି ୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ମୁଖ୍ୟ ପ୍ରଶାସକ କହିଥିଲେ । ସ୍ନାନ ପୂର୍ଣ୍ଣିମା ନୀତି ଓ ବିଭିନ୍ନ କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ସେବାୟତ ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀ, ଜିଲ୍ଲା ପ୍ରଶାସନ ଓ ପୁରୀ ସହରବାସୀ ସହଯୋଗ କରିଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ରଥ ଖଳାରେ ବିଶ୍ୱକର୍ମା ମହାରଣା, ଭୋଇ ସେବାୟତ, ରୂପକାର, ଚିତ୍ରକାର ଓ ଓଝା ସେବାୟତ ମାନେ ଜୋରସୋରରେ କାମରେ ଲାଗି ଥିବାରୁ ରଥକାମ ତିଥି ଅନୁଯାୟୀ ଆଗୁଆ ରହିଛି । ତେଣୁ ସେମାନଙ୍କୁ ମଧ୍ୟ ଶ୍ରୀ ମନ୍ଦିର ପ୍ରଶାସନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି । ଶ୍ରୀଗୁଣ୍ଡିଚା ଯାତ୍ରା ଓ ବାହୁଡ଼ା ଯାତ୍ରା, ସୁନାବେଶ ଓ ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରି ବିଜେ ସୁରୁଖୁରୁରେ ସମାପନ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରଚେଷ୍ଟା କରାଯାଉଛି ।

ସରୋଜରାଜ ସିଂହ ହେଲେ ଜିଲ୍ଲା ଓକିଲ ସଂଘର ମଧ୍ୟବର୍ତୀ କାଳୀନ ଚେୟାରମ୍ୟାନ

କେନ୍ଦ୍ରାପଡ଼ା,୧୧/୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘର ମଧ୍ୟବର୍ତୀ କାଳୀନ କର୍ମକର୍ତା ମନୋନୟନ କରାଯାଇଥିବା ବେଳେ ଆଡଭୋକେଟ ସରୋଜରାଜ ସିଂହ ଜିଲ୍ଲା ଓକିଲ ସଂଘର ଚେୟାରମ୍ୟାନ ଭାବେ ନିଯୁକ୍ତି ପାଇଛନ୍ତି । ସୂଚନା ଯୋଗ୍ୟ ଯେ ଜିଲ୍ଲା ଓକିଲ ସଂଘର ବାର୍ଷିକ କର୍ମକର୍ତା ନିର୍ବାଚନ କୋଭିଡ-୧୯ ନିର୍ଦ୍ଦେଶାବଳୀ ଅନୁଯାଇ ଗତ ମାର୍ଚ୍ଚ ମାସ ୨୮ ରେ ହେବାକୁ ଥିବା ନିର୍ବାଚନକୁ ସ୍ଥଗିତ କରାଯାଇଛି । ପରେ ଓଡିଶା ଆଇନ ଜୀବି ପରିଷଦ ସରୋଜରାଜ ସିଂହ, ରାମଚନ୍ଦ୍ର ଦାସ, ବୈଦନାଥ ଚାଟାର୍ଜୀ, ଧିରେନ କୁମାର ସାହୁ, ବିଭୂତି ପ୍ରସାଦ ସିଂହ, ବିବେକାନନ୍ଦ ଦାସ, ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ଆଇନଜୀବି ମାନଙ୍କୁ ନେଇ ଏକ ମଧ୍ୟବର୍ତୀ କାଳୀନ କମିଟି ଗଠନ କରିଛନ୍ତି । ଏଥିରେ ସରୋଜରାଜ ସିଂହ କୁ ଚେୟାରମ୍ୟାନ ଭାବେ ମନୋନିତ୍ୱ କରାଯାଇଛି । ପରେ ଶ୍ରୀ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିବେକାନନ୍ଦ ସାହୁଙ୍କୁ ସଂପାଦକ ଭାବେ ମନୋନିତ୍ୱ କରାଯାଇଛି । ଏହି କମିଟି ପରବର୍ତୀ ନିର୍ବାଚନ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବ ବୋଲି ସୂଚନା ମିଳିଛି ।

ବିଭିନ୍ନ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା, ଜଗତସିଂହପୁରରେ ଗୋଟିଏ ଦିନରେ ୩୩ ନୂଆ ଆକ୍ରାନ୍ତ

ଭୁବନେଶ୍ୱର,୧୧/୬ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଲଗାତାର ଭାବେ ବଢି ଚାଲିଛି । ବର୍ତମାନ ଏହି ସଂଖ୍ୟା ୩୨୫୦ ହୋଇଥିବା ବେଳେ ଗଂଜାମ ଜିଲ୍ଲାରେ ସର୍ବାଧିକ ଆକ୍ରାନ୍ତ ରହିଛନ୍ତି । ଗଂଜାମ ଜିଲ୍ଲାରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ଆଜି ମଧ୍ୟ ୬୪୯ରେ ରହିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଯାଜପୁର ଜିଲ୍ଲାରେ ୩୨୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଖୋର୍ଧା ଜିଲ୍ଲାରେ ୨୯୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଭାବେ କଟକ ଜିଲ୍ଲାରେ ୨୦୯ ଜଣ, ବାଲେଶ୍ୱର ଜିଲ୍ଲାରେ ୧୯୭, କେନ୍ଦ୍ରାପଡା ଜିଲ୍ଲାରେ ୧୭୦ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଭଦ୍ରକ ଜିଲ୍ଲାରେ ୧୫୨, ଜଗତସିଂହପୁର ଜିଲ୍ଲାରେ ୧୩୦, ବଲାଙ୍ଗୀର ଜିଲ୍ଲାରେ ୧୨୪ ଜଣ ତଥା ପୁରୀ ଜିଲ୍ଲାରେ ୧୧୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ ଜିଲ୍ଲାରେ ୧୧୮ ଓ ନୟାଗଡ ଜିଲ୍ଲାରେ ୯୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ନୂଆପଡା ଜିଲ୍ଲାରେ ୭୨ ଜଣ, ମୟୂରଭଂଜ ଜିଲ୍ଲାରେ ୮୩ ଜଣ ଓ ଗଜପତି ଜିଲ୍ଲାରେ ୭୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏନଡିଆରଏଫ ଓ ଓଡ୍ରାଫର ୬୧ ଜଣ କରୋନାରେ ଆକ୍ରାନ୍ତ ହୋଇଛନ୍ତି । ବିଭାଗ ପକ୍ଷରୁ କୁହା ଯାଇଛି ଯେ କେନ୍ଦୁଝର ଜିଲ୍ଲାରେ ୪୫, ଢେଙ୍କାନାଳ ଜିଲ୍ଲାରେ ୩୯, ଦେବଗଡ ଜିଲ୍ଲାରେ ୩୮ କନ୍ଧମାଳ ଜିଲ୍ଲାରେ ୩୭, କଳାହାଣ୍ଡି ଜିଲ୍ଲାରେ ୩୬ ତଥା ବୌଦ୍ଧ ଜିଲ୍ଲାରେ ୩୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।ଅନୁଗୁଳ ଜିଲ୍ଲାରେ ୩୩ ଓ ସୋନପୁର ଜିଲ୍ଲାରେ ୨୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ମାଲକାନଗିରି ଜିଲ୍ଲାରେ ୨୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁର ଜିଲ୍ଲାରେ ୧୭, ବରଗଡ ଜିଲ୍ଲାରେ ୧୮ ଓ କୋରାପୁଟ ଜିଲ୍ଲାରେ ୧୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଝାରସୁଗୁଡା ଜିଲ୍ଲାରେ ୯, ରାୟଗଡା ଜିଲ୍ଲାରେ ୭ ଓ ନବରଙ୍ଗପୁର ଜିଲ୍ଲାରେ ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

ଟ୍ରକ୍ ଡାଲା ବାଜି ଭାଙ୍ଗିଗଲା ବିଦ୍ୟୁତ୍ ଖୁଂଟ : କିନ୍ତୁ ବଂଚିଗଲା ଜୀବନ

ଭଦ୍ରକ, ୧୧/୬ (ହି.ସ.) - ବାଲି ବୋଝେଇ ଟ୍ରକ୍‌ଟି ଗାଁ ଭିତରକୁ ଯାଉଥିଲା । ଅଣଓସାରିଆ ରାସ୍ତା ହୋଇଥିବାରୁ ଟ୍ରକ୍ ଯିବାବେଳେ ଡାଲା ବାଜି ଭାଙ୍ଗିଗଲା ବିଦ୍ୟୁତ୍ ଖୁଂଟ । ତାର ସହ ଖୁଂଟିଟି ଟ୍ରକ୍ ଉପରେ ପଡିଗଲା । କିନ୍ତୁ ସୌଭାଗ୍ୟ କ୍ରମେ ଟ୍ରକ୍ ଡ୍ରାଇଭର, ହେଲପର ଓ ସ୍ଥାନୀୟ ଲୋକେ କୌଣସି ବିପଦର ସମ୍ମୁଖୀନ ହୋଇନାହାଁନ୍ତି । ସୂଚନା ଅନୁଯାୟୀ ଘଟଣା ଘଟିଛି ଭଦ୍ରକ ଜିଲା ଗୁଆମାଳ ଅଂଚଳରେ । ଗୁଆମାଳ ଗାଁ ଭିତରକୁ ଏକ ବାଲି ବୋଝେଇ ଟ୍ରକ୍ ଯାଉଥିବାବେଳେ ଅଣଓସାରିଆ ରାସ୍ତାରେ ଟ୍ରକ୍‌ଟି ଫସି ଯାଇଥିଲା । ଡ୍ରାଇଭର ଗାଡିର ସାମ୍ନା ପଟକୁ ଆଗକୁ ନେଇଯାଇଥିଲାବେଳେ ଡାଲାଟି ଖୁଂଟରେ ଲାଗିଯାଇଥିଲା । ପରେ ଗାଡିକୁ ସ୍ଥିତରେ ଝିଙ୍କି ଦେବାରୁ ବିଦ୍ୟୁତ୍ ଖୁଂଟଟି ଅଧାରୁ ଭାଙ୍ଗି ଟ୍ରକ୍ ଉପରେ ପଡିଯାଇଥିଲା । ବାଲି ଉପରେ ଖୁଂଟ ଓ ତାର ପଡିଯିବାରୁ କୌଣସି ଜନଜୀବନ କ୍ଷତିଗ୍ରସ୍ତ ହୋଇନାହାଁନ୍ତି । ସ୍ଥାନୀୟ ଅଂଚଳରେ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି । ତେବେ ସ୍ଥାନୀୟ ଅଂଚଳରେ କିଛି ସମୟ ପାଇଁ ଉତେଜନା ଦେଖାଯାଇଥିଲା । ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଂଚି ଖୁଂଟକୁ ଉଠାଇବା ପରେ ବିଦ୍ୟୁତ୍ ଯୋଗାଣ ହେବ ବୋଲି ସୂଚନା ମିଳିଛି । ଏହି ସମୟର ଦୃଶ୍ୟ ସିସିଟିଭି ଫୁଟେଜରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି ।

ମାସ୍କ ନ ଥିବାରୁ ୪୭ ଅମାନୀୟାଙ୍କୁ ଡଣ୍ଡ : ୩.୫ହଜାର ଟଙ୍କା ଜୋରିମାନା ଆଦାୟ

ଜଳେଶ୍ୱର,୧୧/୬ (ନି.ପ୍ର): ସରକାରଙ୍କ ବିଭିନ୍ନ କଟକଣା କରୋନା ସମୟରେ ସାଧାରଣ ଲୋକେ ଅମାନ୍ୟ କରୁଥିବା ପରିଲକ୍ଷିତ ହେଉଛି । ବିଶେଷ କରି ମାସ୍କ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ବହୁ ବ୍ୟକ୍ତି ଏହାହକୁ ବେଖାତିର କରି ଯାତାୟାତ କରୁଛନ୍ତି । ଜଳେଶ୍ୱର ଥାନା ପକ୍ଷରୁ ଏଥିନେଇ ଏକ ଯାଞ୍ଚ ପ୍ରକ୍ରିୟା ହୋଇ ଯାଇଛି । ଏଥିରେ ପ୍ରଶିକ୍ଷଣ ନେଉଥିବା ଡିଏସ୍‌ପି ଅଭିସେକ ପାଣିଗ୍ରାହୀ, ସ୍ୱରାଜ ଦେବତା ଓ ଏଏସ୍‌ଆଇ ନଗେନ୍ଦ୍ର ନାଥ ସେଠୀ ମାସ୍କ ଲଗାଇନଥିବା ଲୋକଙ୍କ ଠାରୁ ଜୋରିମାନା ବାବଦକୁ ୨୩.୫ ହଜାର ଟଙ୍କା ଆଦାୟ କରିଥିଲେ ।

ଫୁଲବାଣୀରେ କାଳ ବୈଶାଖିର ତାଣ୍ଡବ : ଗଛପଡି ରାସ୍ତା ଅବରୋଧ ୨ଘଣ୍ଟା ବିଦ୍ୟୁତ ସରୋବରାହ ବନ୍ଦ

କନ୍ଧମାଳ,୧୧/୬ (ନି.ପ୍ର): ଆଜି ସଂନ୍ଧ୍ୟା ସମୟରେ ଫୁଲବାଣୀରେ ଭୀଷଣ ଭାବରେ କାଳବୈଶାଖିର ପ୍ରଭାବରେ ତୀବ୍ରବେଗରେ ପବନ ବୋହିବା ସହିତ ପ୍ରବଳମାତ୍ରାରେ ବଜ୍ରପାତ ଓ ବର୍ଷା ମଧ୍ୟ ହୋଇଥିଲା । ଏହା ଫଳରେ ବିଭିନ୍ନ ଯାଗାରେ ଗଛପଡି ରାସ୍ତା ଅବରୋଧ ହୋଇଥିଲା । ସ୍ଥାନୀୟ କନ୍ଧମାଳ ଷ୍ଟାଡିୟମ ପାର୍ଶ୍ୱରେ ଥିବା ରାସ୍ତା ଉପରେ ବଡ ଗଛ ପଡିଯିବାରୁ ରାସ୍ତା ଅବରୋଧ ହୋଇଥିଲା । ଏହାର ପରିଣାମ ସ୍ୱରୁପ ବିଦ୍ୟୁତ୍ ତାର ଉପରେ ମଧ୍ୟ ଗଛ ପଡିଯିବାରୁ ପ୍ରାୟ ଦୁଇ ଘଣ୍ଟା ଧରି ବିଦ୍ୟୁତ୍ ସରୋବରାହ ବ୍ୟାଘାତ ଘଟିଥିଲା । ସେଠାରେ ଫୁଲବାଣୀ ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ପହଂଚି ସେଠାରେ ଗଛ କାଟିବା ସହିତ ରାସ୍ତାରୁ ଗଛ ସବୁ ସଫାକରିଥିଲେ । ସେମାନଙ୍କୁ ଏହି କାମରେ ଫୁଲବାଣୀ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ସମ୍ପୂର୍ଣ୍ଣ ସହାୟତା କରିଥିଲେ । ଏହି ବର୍ଷାପବନର ପ୍ରଭାବରେ ଫୁଲବାଣୀରେ ବିଭିନ୍ନ ସ୍ଥାନରେ ଗଛଡାଳ ପଡିଥିବାରୁ ସେଗୁଡିକ ମଧ୍ୟ ସଫାକରିବାପରେ ରାସ୍ତା ସବୁ ସଫା ହେବା ସହିତ ବିଦ୍ୟୁତ୍ ସରୋବରାହ ଠିକ ହୋଇଥିଲା ।

ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ନକୁଳ ଦାସ ଆଉ ନାହାନ୍ତି

କେନ୍ଦ୍ରାପଡ଼ା,୧୧/୬ (ନି.ପ୍ର): ଦେଶ ସ୍ୱାଧୀନତା ସଂଗ୍ରାମର କର୍ଣ୍ଣଧାର ତଥା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ନକୁଳ ଚରଣ ଦାସଙ୍କ ଆଜି ୯୫ବର୍ଷ ବୟସରେ ତାଙ୍କ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଲନଗର ପଂଚାୟତର ସୁଜାନଗର ଗ୍ରାମସ୍ଥିତ ବାସଭବନରେ ସକାଳ ୮ଟା ୫ମିନିଟ ସମୟରେ ପରଲୋକ ହୋଇଯାଇଛି । ୧୯୨୬ ମସିହା ସେପ୍ଟେମ୍ବର ମାସ ୯ତାରିଖରେ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅଙ୍ଗୁଳାଇର ଜରିପଡା ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ସଂଗ୍ରାମୀ ନକୁଳ ପିତା ହରିହରଙ୍କ ଠାରୁ ଦେଶପ୍ରେମର ପ୍ରେରଣା ପାଇ ମହାତ୍ମାଗାନ୍ଧୀଙ୍କ ଡାକରାରେ ସ୍ୱାଧୀନତା ଆନ୍ଦୋଳନରେ ଅନୁପ୍ରାଣିତ ହୋଇଥିଲେ । ବାନରସେନାରେ କାର୍ଯ୍ୟ କରିବା ସହ ବିଭୀନ୍ନ ଇଂରେଜ ବିରୋଧି କାର୍ଯ୍ୟକ୍ରମରେ ଭାଗ ନେଇ ତତ୍କାଳିନ ସରକାରଙ୍କ ବିଷ ଦୃଷ୍ଟିରେ ପଡି ଶେଷରେ ଗିରଫ ହୋଇ ବ୍ରହ୍ମପୁର ଜେଲରେ ବନ୍ଦୀ ଜୀବନ କଟାଇଥିଲେ । ଜେଲରୁ ଫେରିବା ପରେ ନକୁଳ ନବକୃଷ୍ଣ ଚୌଧୁରୀ ଓ ମା' ରମାଦେବୀଙ୍କ ସହ କାମ କରିବା ପରେ ମନମୋହନ ଚୌଧୁରୀଙ୍କ ସହ ଅଭିଭକ୍ତ କୋରାପୁଟ ଜିଲ୍ଲାକୁ ଯାଇ ନାରାୟଣ ପାଟଣାରେ ଭୁଦାନ ଆନ୍ଦୋଳନରେ ଯୋଗଦେଇ କାର୍ଯ୍ୟ କରିଥିଲେ । ସେ ଜଣେ ନିଷ୍ଠାପର, ଧର୍ମପରାୟଣ, ପରୋପକାରୀ ଓ ଦରଦୀ ମଣିଷ ଥିଲେ । କେନ୍ଦ୍ରାପଡା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ଭାବେ କାର୍ଯ୍ୟ କରୁଥିବା ସ୍ୱର୍ଗତ ଦାସ କିଛିଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ଶଯ୍ୟାସାୟୀ ଥିଲେ । ଆଜି ସକାଳ ପ୍ରାୟ ୯ଟା ସମୟରେ ତାଙ୍କ ଗୁଲନଗରସ୍ଥିତ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ତାଙ୍କ ବିୟୋଗରେ ସାରା ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ବିୟୋଗ ଖବର ପାଇ ଜିଲ୍ଲାପାଳ ସମର୍ଥ ବର୍ମା, ପୌରନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ ତାଙ୍କ ସୁଜାନଗରସ୍ଥିତ ବାସଭବନରେ ପହଁଚି ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଜଣାଇଥିଲେ । ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେଉରା, ସଂଗ୍ରାମୀ ଅନିଲ ଚନ୍ଦ୍ର ଜେନା, ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି, ସଂଗ୍ରାମୀ ବିନ୍ଧ୍ୟାଧର ମୁଦୁଲି, ସ୍ୱାଧୀନତା ସଂଗ୍ରାମୀଦାୟାଦ ସଙ୍ଘ ସମ୍ପାଦକ ବିଚିତ୍ରାନନ୍ଦ ନାୟକ, ସଞ୍ଜୟ କୁମାର ଜେନା, ଶିବ ପ୍ରସାଦ ଭଳ, ବ୍ଲକ ଚେୟାରମ୍ୟାନ ଅନାମ ବନ୍ଧୁ ଧଳ, ଏବଂ ଅଧ୍ୟପକ ଅଜୟ କୁମାର ସାମଲ ପ୍ରମୁଖ ତାଙ୍କ ବାସଭବନରେ ପହଁଚି ଶେଷ ଦର୍ଶନ କରିବା ସହିତ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁତ୍ର ବିଜୟ ଦାସ, ଅବନି ଦାସ, ଅବିନାଶ ଦାସ, ଝିଅ ମୀନାକ୍ଷୀ ଓ ମାନିନୀ ପୁତ୍ରବଧୂ ପ୍ରଣତି ଓ ଜାହ୍ନବୀ, ଜ୍ୱାଇଁ ଶଶୀକାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ଅବିନାଶ ମୁଖାଗ୍ନି ଦେଇଥିଲେ । ପୁରୀ ସ୍ୱର୍ଗଦ୍ୱାରକୁ ତାଙ୍କ ମରଶରୀରକୁ ନିଆଯିବା ସମୟରେ ଭୁବନେଶ୍ୱରସ୍ଥିତ ସ୍ୱାଧୀନତା ସଂଗ୍ରାମୀ ଭବନରେ କିଛି ସମୟ ସ୍ୱର୍ଗତ ଦାସଙ୍କ ମର ଶରୀରକୁ ରଖାଯାଇଥିଲା । ସେଠାରେ ବହୁ ରାଜନେତା, ବିଧାୟକ,ମନ୍ତ୍ରୀ ଓ ସରକାରୀ ଅଧିକାରୀମାନେ ତାଙ୍କ ମର ଶରୀରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

ଗଞ୍ଜାମ ଜିଲ୍ଲାରେ ୫୭ କରୋନା ଆକ୍ରାନ୍ତ ସୁସ୍ଥ ହେଲେ

ଜିଲ୍ଲାରେ ମୋଟ୍ ସୁସ୍ଥ ସଂଖ୍ୟା ୪୯୮ ରେ ପହଂଚିଲା

ଗଞ୍ଜାମ,୧୧/୬ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଆଜି ଜଣେ ହେଲେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇନଥିବା ବେଳେ ପୂର୍ବରୁ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧିନ ଥିବା ଆକ୍ରାନ୍ତଙ୍କ ମଧ୍ୟରୁ ୫୭ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ସୁସ୍ଥ ହୋଇଥିବା ବ୍ୟକ୍ତି ବିଶେଷ ମାନଙ୍କୁ ୧୪ ଦିନିଆ ହୋମ୍ କ୍ୱାରେଂଟାଇନରେ ରହିବାକୁ ପ୍ରଶାସନିକ ନିର୍ଦ୍ଦେଶ ରହିଛି । ଏହାକୁ ମିଶାଇ ଜିଲ୍ଲାରେ ମୋଟ୍ ସୁସ୍ଥ ସଂଖ୍ୟା ୪୯୮ରେ ପହଂଚିଛି । ସେହିପରି ଜିଲ୍ଲାରେ ସକ୍ରିୟ ସଂଖ୍ୟା ୧୫୧ ରହିଛି । ଅନ୍ୟପକ୍ଷରେ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୬୪୯ ରହିଥିବା ଜଣାପଡିଛି ।

୨୪ ଘଂଟାରେ ୧୦ ମାମଲା ରୁଜୁ

ଭୁବନେଶ୍ୱର,୧୧/୬ (ନି.ପ୍ର): ରାଜ୍ୟରେ କୋଭିଡ୍-୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ଜୁନ୍ ୯ରୁ ଜୁନ୍ ୧୦ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଂଟା ମଧ୍ୟରେ ୧୦ଟି ମାମଲା ଦାୟର କରାଯାଇଛି । ଏଥି ମଧ୍ୟରୁ ୯ଟି ମାମଲା ଲକ୍ ଡାଉନ୍ ସଂପର୍କିତ ହୋଇଥିବାବେଳେ ୧ଟି କେସ୍ ଅନ୍ୟାନ୍ୟ କାରଣ ପାଇଁ ଅଟେ । ବିଭିନ୍ନ ଅଭିଯୋଗରେ ୨୯ ଜଣଙ୍କୁ ଗିରଫ କରାଯାଇଛି ।

ଶ୍ରୀଜୀଉଙ୍କ ଶ୍ରୀଅଙ୍ଗରେ ଲାଗିହେଲା ଫୁଲୁରୀ ତେଲ

ପୁରୀ,୧୧/୬ (ନି.ପ୍ର): ଅଣସର ପଟଂମୀ ତିଥିରେ ଜ୍ୱରରେ ପୀଡ଼ିତ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗରେ ଫୁଲୁରୀ ତେଲ ଲାଗି ହେବାର ପରମ୍ପରା ରହିଛି । ଏହା ମହାପ୍ରଭୁଙ୍କ ଏକ ଗୁପ୍ତ ସେବା ହୋଇଥିବାରୁ ଆଜି ସଂନ୍ଧ୍ୟାରେ ଓଡ଼ିଆ ମଠରୁ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ଦେଇ ଏହି ମହୋଷଧି ନିଆଯାଇଛି । ମେକାପ ମାନେ ତାହାକୁ ପତି ମହାପାତ୍ରଙ୍କୁ ଅର୍ପଣ କରିଛନ୍ତି । ଏହାପରେ ଶ୍ରୀଜୀଉମାନଙ୍କ ଠାରେ ଏହି ତେଲ ଲାଗି କରାଯାଇଛି । ପୀଡ଼ା ଲାଘବ ପାଇଁ ଅଣସର ପଟଂମୀ ଦିନ ଏହି ତେଲ ଶ୍ରୀଜୀଉମାନଙ୍କ ଶ୍ରୀ ଅଙ୍ଗରେ ଲାଗି ହୋଇଥାଏ ।

ଧାନ ପେଶିବାକୁ ଯିବା ବେଳେ ଅଘଟଣ : ବଜ୍ରପାତରେ ଦୁଇ ମହିଳା ମୃତ

ଢ଼େଙ୍କାନାଳ,୧୧/୬ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ଥାନା ଅନ୍ତର୍ଗତ କରଡ଼ାପାଳ ଗ୍ରାମରେ ବଜ୍ରପାତରେ ଦୁଇ ଜଣ ମହିଳାଙ୍କ ମୃତ୍ୟୁ ଘଟିଛି । ଆଜି ଧାନ ପେଶିବାକୁ ଯାଉଥିବା ବେଳେ ବଜ୍ରପାତରେ ସମ୍ପୃକ୍ତ ଦୁଇ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତକ ଦ୍ୱୟ ହେଲେ କରଡ଼ାପାଳ ଗ୍ର

ମହିଳାଙ୍କ ମୁହଁରେ ହସ ଆଣୁଛି 'ଗୋଲାପୀ ବସ୍'

ପୁନେ ସହରରେ ଗୋଲାପୀ ବସ୍ ମହିଳାଙ୍କ ମୁହଁରେ ହସ ଆଣିବାର ରହିଛି ଅନେକ କାରଣ । ଏହି ବସ୍‌ରେ ଅଛି ମହିଳାଙ୍କ ପାଇଁ ଶୌଚାଳୟ, କ୍ୟାଣ୍ଟିନ୍, ପିଲାଙ୍କ ଡାଇପର୍ ବଦଳାଇବାର ବ୍ୟବସ୍ଥା ସହ ସ୍ତନ୍ୟପାନର ସୁବିଧା । ଯେଉଁ କାରଣରୁ ଜନଗହଳିପୂର୍ଣ୍ଣ ବଜାରରେ ଟଏଲେଟ୍ ଯିବାର ସମସ୍ୟା ସେମାନଙ୍କ ପାଇଁ ନାହିଁ । ପନେର ଉଦ୍ୟୋଗୀ ଅଲ୍‌କା ସାଦରକର ଏବଂ ତାଙ୍କ ସ୍ୱାମୀ ରାଜୀବ ଖେର୍ ଏହି ଉଦ୍ୟମ କରିଛନ୍ତି ।

ସହରରେ ସାର୍ବଜନୀନ ଶୌଚାଳୟରେ ଅପରିଷ୍କାର ସ୍ଥିତି ଯୋଗୁ ମହିଳାଙ୍କୁ ବଡ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା । ଆଉ ଏହି ସମସ୍ୟାକୁ ସମାଧାନ ପାଇଁ ଆଗକୁ ଆସିଥିଲେ ଅଲ୍‌କା । ସେ ସହରର ପୁରୁଣା

ବସ୍‌କୁ ଏଥିପାଇଁ ବ୍ୟବହାର କରିବାର ନେଇଥିଲେ ନିଷ୍ପତ୍ତି । ୧.୩ କୋଟି ଟଙ୍କା ଖର୍ଚ୍ଚ କରି ସେ ୧୩ ଟି ବସ୍ ଆରମ୍ଭ କରିଛନ୍ତି । ଆଉ ବସ୍‌ର ନାମ ଦିଆଯାଇଛି 'ତି' । ଏହି ଶବ୍ଦ ମହିଳାଙ୍କୁ ସମ୍ବୋଧିତ କରିବା ପାଇଁ ବ୍ୟବହାର କରାଯାଇଥାଏ । ବସ୍ ଭିତରେ ୩ରୁ୪ ଇଣ୍ଡିଆନ୍ ଏବଂ ୱେଷ୍ଟର୍ଣ୍ଣ ଟଏଲେଟ୍ ସହ ୱାସ୍ ବେସିନ୍ , ଡାଏପର ବଦଳାଇବା ଏବଂ ପିଲାଙ୍କୁ କ୍ଷୀର ପିଆଇବା ପାଇଁ ବ୍ୟବସ୍ଥା ମଧ୍ୟ ରହିଛି । ବସ୍‌ରେ ୱାଇଫାଇ ସୁବିଧା ଏବଂ ଫୁଡ୍ ଷ୍ଟେସନ୍ ମଧ୍ୟ ଅଛି । ୨୦୧୬ ରେ ଅଲ୍‌କା ଯେତେବେଳେ ଏହି ବସ୍ ସୁବିଧା ଆରମ୍ଭ କରିଥିଲେ ।

ରଙ୍ଗ ପରିବର୍ତ୍ତନ କରୁଛି ସାମୁଦ୍ରିକ ଘୋଡା

ନିକଟରେ ପ୍ରାଣୀ ବିଶେଷଜ୍ଞ ଏକ ବିଶେଷ ପ୍ରଜାତିର ସାମୁଦ୍ରିକ ଘୋଟା ଚିହ୍ନଟ କରିଛନ୍ତି । ଏହି ସମୁଦ୍ର ଘୋଡା ପ୍ରଶାନ୍ତ ମହାସାଗରର ଗଭୀରତାରେ ଠାବ କରାଯାଇଛି । ଗବେଷକଦଳ ଏହି ଘୋଡାର ଭିଡିଓ ରେକର୍ଡ଼ିଂ ମଧ୍ୟ ୱେବ୍‌ସାଇଟ୍‌ରେ ଅପଲୋଡ କରିଛନ୍ତି, ପ୍ରାଣୀର ନାମ 'କଲର୍ ଚେଞ୍ଜିଙ୍ଗ୍ ସି ହର୍ସ' ରଖାଯାଇଥିବାବେଳେ ବିପଦ ସମୟରେ ହିଁ ଘୋଡର ରଙ୍ଗ ପରିବର୍ତ୍ତନ ହୁଏ । ଅନ୍ୟ ସାମୁଦ୍ରିକ ପ୍ରାଣୀ ଆକ୍ରମଣ କରିବା ସମୟରେ ଏହି ସାମୁଦ୍ରିକ ଘୋଡାର ରଙ୍ଗ କଳା ରଙ୍ଗରେ ପରିଣତ ହେଉଥିବାର ଦେଖାଯାଇଛି । ଥରକରେ ବି ଶେଷ ପ୍ରଜାତିର ଏଇ ଘୋଡା ୧ ହଜାରରୁ ଅଧିକ ଅନ୍ତର୍ଜାତୀୟ ବଜାରରେ ସାମୁଦ୍ରିକ ଘୋଡା ବହୁ ମୂଲ୍ୟରେ ବିକ୍ରି ହୋଇଥାଏ । ଏକ ଗୋପନ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ , ଆମେରିକାର ଧନିକ ଗୋଷ୍ଠୀ ଗୋଟିଏ ସାମୁଦ୍ରିକ ଘୋଡା କିଣିବା ନିମନ୍ତେ ୭୦୦୦-୯୦୦୦ ଟଙ୍କା ଖର୍ଚ୍ଚ କରିବାକୁ ମନ ଉଣା କରିନଥାନ୍ତି ।

ଉପକାରୀ ମୂଳା ଶାଗ

ମୂଳା ପରିବାରେ ଥିବା ବିଭିନ୍ନ ପୋଷକତତ୍ତ୍ୱ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ । ମୂଳା ଶାଗ ଖାଇବା ହିତକାରୀ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ । ଖୁବ୍ କମ୍ ସମୟରେ ପ୍ରସ୍ତୁତ ହୋଇପାରୁଥିବା ମୂଳା ଶାଗ କ୍ୟାଲସିୟମ୍ ଓ ପୋଟାସିୟମ୍ ଭରପୂର ହୋଇଥିବାବେଳେ ହାଡ, ଗଣ୍ଠିକୁ ଶକ୍ତ କରିଥାଏ ।

- ତ୍ୱଚା ଉପରେ ଏହି ମୂଳା ଶାଗର ଉତ୍ତମ ପ୍ରଭାବ ପଡୁଥିବାର ବିଶେଷଜ୍ଞ ପ୍ରକାଶ କରିଛନ୍ତି । ବ୍ରଣ ସମସ୍ୟା ଉପୁଜୁଥିଲେ, ସପ୍ତାହକୁ ୨-୩ ଥର ମୂଳା ଶାଗ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ ।
- ଗବେଷଣାରୁ ପ୍ରମାଣିତ ହୋଇଛି ଯେ ମୂଳା ଶାଗ ନିୟମିତ ଭୋଜନରେ ସାମିଲ କଲେ କର୍କଟ ରୋଗ ହେବାର ଆଶଙ୍କା ଯଥେଷ୍ଟ କମ୍ ହୋଇଥାଏ ।
- ଶୀତଦୀନେ ଥଣ୍ଡା ଓ କାଶ ରୋଗରେ ଅଧିକାଂଶ ଆକ୍ରାନ୍ତ ହୋଇଥାନ୍ତି । ଶୀତଦିନେ ଏଇ ଶାଗ ନିଜ ଖାଦ୍ୟ ତାଲିକାରେ ସାମିଲ କଲେ ସର୍ଦ୍ଦି ରୋଗ ହୋଇନଥାଏ ବୋଲି ଅନୁନ୍ଧାନରୁ ଜଣାପଡିଛି ।
- ରକ୍ତଚାପ ରୋଗୀ ପ୍ରତ୍ୟହ ଏହି ଶାଗ ଖାଇଲେ ସେମାନଙ୍କ ଚାପ ସମସ୍ୟା ନିୟନ୍ତ୍ରଣ ହେଉଥିବାର ବିଶେଷଜ୍ଞଙ୍କ ମତ ।

ତିନି ଡେଣା ଓ ଚାରି ଡେଣା ପଙ୍ଖାର ବିଶେଷତ୍ୱ

ଆଉ ଦିନ କେଇଟା ପରେ ଗରମର ସ୍ପର୍ଶ ଅନୁଭୂତ ହେବ । ଘରେଘରେ ଫ୍ୟାନ୍ ଲଗାଇବା ଆରମ୍ଭ ହୋଇଯିବ । ଦିନରାତି ୨୪ ଘଣ୍ଟା ଏହି ଫ୍ୟାନ୍ ଅଧିକାଂଶଙ୍କ ଘରେ ବୁଲୁଥାଏ । ଆପଣ କେବେ ଧ୍ୟାନ ଦେଇଛନ୍ତି କି ବଜାରରେ ମିଳୁଥିବା ତିନି ଡେଣା ଓ ଚାରି ଡେଣା ପଙ୍ଖାର ବିଶେଷତ୍ୱ । ଜନୈକ ଭାରତୀୟ ଇଂଜିନିୟରଙ୍କ ମତରେ ତିନି ଡେଣା ଥିବା ଫ୍ୟାନ୍ ଦେଶୀ ଓ ଚାରି ଡେଣା ଫ୍ୟାନ୍ ବିଦେଶୀ । ଆମ ଦେଶରେ ମଧ୍ୟ ଚାରି ଡେଣା ଫ୍ୟାନ୍ ବିକ୍ରି ପାଇଁ ଉପଲବ୍ଧ, ତେବେ ଖୁବ୍ କମ୍ ସଂଖ୍ୟକ ଲୋକ ଏହା କିଣିବାକୁ ପସନ୍ଦ କରନ୍ତି । ପଙ୍ଖାକୁ ଏଭଳି ଭାବେ ତିଆରି କରାଯାଇଛି ଯେ ତାହା ଘୂରିବା ମାତ୍ରେ ଥଣ୍ଡା ପବନ ହୋଇଥାଏ । ଆମେରିକା ଓ ଇଉରୋପ ଆଦି ଥଣ୍ଡା ରାଷ୍ଟ୍ରରେ ଚାରି ଡେଣା ଥିବା ପଙ୍ଖାକୁ ପ୍ରାଧାନ୍ୟ ଦିଆଯାଏ । କାରଣ ସେଠାରେ ପଙ୍ଖାର ଉପଯୋଗ ଖୁବ୍ କମ୍ ହେଉଥିବାବେଳେ ଗରମ ଦିନେ ଲୋକେ ଶୀତତାପନିୟନ୍ତ୍ରିତ ଯନ୍ତ୍ର ବ୍ୟବହାର କରିଥାନ୍ତି । କକ୍ଷର ଚତୁର୍ଦ୍ଦିଗକୁ ଶୀତତାପନିୟନ୍ତ୍ରିତ ଯନ୍ତ୍ରର ଶୀତଳତା ଯିବା ନିମନ୍ତେ ୪ ଡେଣା ପଙ୍ଖା ଭଲ କାମ କରେ । ଏହା ସହ ଏହି ପଙ୍ଖା ଖୁବ୍ ଧୀର ଗତିରେ କାମ କରେ । ଅନ୍ୟପାଖେ ତିନି ଡେଣା ପଙ୍ଖା ଖୁବ୍ ହାଲୁକା ହୋଇଥିବାବେଳେ ତାହା ଜୋର୍‌ରେ ଘୂରେ । ଆଜିକାଲି ଯେଉଁ ଭାରତୀୟ ଲୋକ ଅଧିକାଂଶ ସମୟ ଘରେ ଶୀତତାପନିୟନ୍ତ୍ରିତ ଯନ୍ତ୍ର ଲଗାଉଛନ୍ତି, ସେମାନେ ମଧ୍ୟ ଏହି ୪ ଡେଣା ପଙ୍ଖା ଲଗାଇବା ଉଚିତ ।

ଗଛକୁ ଛୁଇଁଲେ ହୁଏ ମୃତ୍ୟୁ !

ବର୍ତ୍ତମାନ ପରିସ୍ଥିତିରେ ପୃଥିବୀ ପ୍ରତ୍ୟେକ ପ୍ରାନ୍ତରେ ଚାରାରୋପଣ ନିମନ୍ତେ ସମସ୍ତ ବର୍ଗର ଲୋକଙ୍କୁ ଉତ୍ସାହିତ କରାଯାଉଛି । ପ୍ରଦୂଷଣର ସ୍ତର ବଢ଼ିଚାଲିଥିବାରୁ ପରିସ୍ଥିତି ଅଣାୟତ୍ତ ହେବାରେ ଲାଗିଛି । ଏପରିସ୍ଥଳେ କେତୋଟି ଗଛ ମଧ୍ୟ ଆମ ମନୁଷ୍ୟଜାତି ପାଇଁ କ୍ଷତିକାରକ ପ୍ରମାଣିତ ହୋଇଛି । ତନ୍ମଧ୍ୟରୁ ଅନ୍ୟତମ ଗଛ ହେଲା, 'ହୋଗବିଜା' । ବୈଜ୍ଞାନିକମାନେ ଏହି ଗଛର

ନାମ 'କିଲର୍ ଟ୍ରି' ଦେଇଛନ୍ତି । ଲଣ୍ଡନସ୍ଥିତ ୟର୍କଶାୟର୍ ନଦୀକୂଳରେ ଏହି କିଲର୍ ଟ୍ରି ଦେଖାଯାଇଥାଏ । ଧଳା ରଙ୍ଗର ଫୁଲ ଫୁଟୁଥିବା ଏଇ ଗଛର ଉଚ୍ଚତା ୧୪ ଫୁଟ୍ ହେଉଥିବାବେଳେ ଅଧିକାଂଶ ଲୋକ ଏହାର ଫୁଲ ଦେଖି ଆକର୍ଷିତ ହୋଇ ଆସନ୍ତି । ଗଛକୁ ଛୁଇଁବାମାତ୍ରେ ପ୍ରଥମେ ହାତରେ ଜ୍ୱାଳାପୋଡା ହୋଇଥାଏ । ପରବର୍ତ୍ତୀ ସମୟରେ ପୂରା ଶରୀର ଉତ୍ତପ୍ତ ହେଲା ଭଳି ଅନୁଭୂତ ହେଉଥିବାର ଗବେଷକଙ୍କ ମତ । ଏହି ଗଛକୁ ଛୁଇଁବାର କେତେ ଘଣ୍ଟା ପରେ ମୃତ୍ୟୁ ହେବାର ଭୟ ରହିଛି । ଅନ୍ୟପାଖେ କିଛି ମାସ ତଳେ ଜଣେ ଯୁବକ ଏଇ 'କିଲର୍ ଟ୍ରି'କୁ ଛୁଇଁବା ପରେ ଦୃଷ୍ଟି ଶକ୍ତି ହରାଇଛନ୍ତି । ସ୍ଥାନୀୟ ପ୍ରଶାସନ ଏହି କିଲର୍ ଟ୍ରି ଥିବା ପ୍ରାନ୍ତକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରିଛି । ୨ କିମି ଦୂରରୁ ଲୋକଙ୍କୁ ଏହି ଗଛ ବାବଦରେ ବିଭିନ୍ନ ସତର୍କ ସୂଚନାମାନ ଉଲ୍ଲେଖ କରାଯାଇଛି ।

ହାଇ-ଟେକ୍ ଜୋତା

ଜାପାନର ଏକ ନାମୀ କମ୍ପାନୀ ଅତ୍ୟାଧୁନିକ ହାଇ-ଟେକ୍ ଜୋତା ତିଆରି କରିଛି, ଯାହାକୁ ବିଶ୍ୱସ୍ତରରେର ପ୍ରଶଂସିତ କରାଯାଇଛି । କମ୍ପାନୀ ମୁଖ୍ୟ ନିକ୍‌ଙ୍କ କହିବାନୁସାରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଜୋତା ହୋଟେଲରେ ବ୍ୟବହାର କରାଯିବ । ଜୋତାକୁ ଆପଣ ଯେଉଁଠି ରଖିଥିଲେ ମଧ୍ୟ ତାହା ହଜିବ ନାହିଁ । କାରଣ ଏଥିରେ ଲାଗିଥିବା ସେନ୍‌ସର୍ ସହାୟତାରେ ଜୋତା କେଉଁଠିସ ଅଛି, ଜଣାପଡିଯିବ । ଅନ୍ୟପାଖେ ଜୋତାକୁ ଆପଣ ଯଦି ଖଟ ପାଖରେ ରଖୁଛନ୍ତି, ତେବେ କିଛି ସମୟ ପରେ ଜୋତାରେ ଦୁଇଟି ଛୋଟଛୋଟ ଚକ ମଧ୍ୟ ଲାଗିଛି । ପ୍ରୋ-ପାଇଲଟ୍ ଜ୍ଞାନକୌଶଳରେ ଜୋତାଟି ଚାଲୁଥିବାର କମ୍ପାନୀ ମୁଖ୍ୟ ପ୍ରକାଶ କରିଛନ୍ତି । ଖୁବ୍ ଶୀଘ୍ର ଏହି ଜୋତା ବଜାରରେ ଉପଲବ୍ଧ ହେବ ଓ ଏହାର ମୂଲ୍ୟ ୨୦ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି ।

ହସିବା କ୍ଷତିକାରକ !

ସମଗ୍ର ବିଶ୍ୱର ଏବେ ପ୍ରଚାରିତ ହେଉଛି ଯେ ହସିବା ସ୍ୱାସ୍ଥ୍ୟ ପାଇଁ ହିତକାରୀ । ଲୋକେ ଏବେ କମେଡି କାର୍ଯ୍ୟକ୍ରମ ନିୟମିତ ଦେଖୁଥିବାବେଳେ ଲାଫିଙ୍ଗ୍ କ୍ଲବ୍‌ରେ ମଧ୍ୟ ସଂଖ୍ୟାଧିକ ଲୋକ ଯୋଗ ଦେଉଛନ୍ତି । ଏପରିସ୍ଥଳେ ବ୍ରିଟେନ୍‌ନିବାସୀ ୧୫ ବର୍ଷୀୟା ଝିଅ ଜର୍ଡନ୍ କୁମର ହସିବା ମାତ୍ରେ ସଂଜ୍ଞାହୀନ ହୋଇଯାନ୍ତି । ଡାକ୍ତରଙ୍କ ମତରେ ସେଇ ସମୟରେ ତାଙ୍କ ଶରୀରରେ ଭିନ୍ନ ପ୍ରତିକ୍ରିୟା ସୃଷ୍ଟି ହେବା ସହ ପକ୍ଷାଘାତରେ ଆକ୍ରାନ୍ତ ହୁଅନ୍ତି । ଏହି ରୋଗର ନାମ 'କେଟେପ୍ଲେକ୍ସି' । ଏହା ସହ ଜର୍ଡନ୍ ମସ୍ତିଷ୍କ ରୋଗରେ ମଧ୍ୟ ଶିକାର, ଏଇ ଦୁଇଟି ରୋଗ କାରଣରୁ ତାଙ୍କ ଜୀବନଶୈଳୀ ପରିବର୍ତ୍ତନ ହୋଇଛି । । ଲୋକଙ୍କୁ ହସିବା ପାଇଁ ପରାମର୍ଶ ଦିଆଯାଉଥିବାବେଳେ ତାଙ୍କ ବାପା-ମା' କିନ୍ତୁ ସବୁ ସମୟରେ ସତର୍କ ଝିଅ ଯେମିତି ନ ହସୁ । କାରଣ ହସିବା ମାତ୍ରେ ସେ ବସିବା ସ୍ଥାନରୁ ଟଳି ପଡନ୍ତି ଓ ସଂଜ୍ଞାହୀନ ହୋଇଯାନ୍ତି । ତାଙ୍କ ସାଙ୍ଗସାଥୀ ଓ ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀ ମଧ୍ୟ ଏ ବ୍ରବଦରେ ଖୁବ୍ ସଚେତନ । ନିଜ ଜୀବନର ଏହି ସତ୍ୟ ଜାଣିବା ପରେ ମଧ୍ୟ ଜର୍ଡନ୍‌ଙ୍କର ବିଶ୍ୱାସ ଯେ ଦିନେ ସେ ଏହି ରୋଗରୁ ମୁକ୍ତି ପାଇ ଏକ ସାଧାରଣ ଜୀବନଶୈଳୀ ଅତିବାହିତ କରିବେ ।

ବିଶ୍ୱର ମହଙ୍ଗା ଚକୋଲେଟ୍

ଯଦି ଗୋଟିଏ ଚକୋଲେଟ୍‌ର ମୂଲ୍ୟ ୪୦୦ କିମ୍ବା ୫୦୦ ଟଙ୍କା, ତେବେ ଆମେ ଏହାକୁ ଦାମୀ ଚକୋଲେଟ୍ ଭାବେ ଗ୍ରହଣ କରୁ । ଭାରତୀୟ ବଜାରରେ ସର୍ବାଧିକ ୨ ହଜାରର ଟଙ୍କା ମୂଲ୍ୟର ଦାମୀ ଚକୋଲେଟ୍ ମିଳେ । ବିଦେଶୀ ରାଇଜରେ ବିଶେଷ ଅବସରରେ ନାମୀ ହୋଟେଲଗୁଡିକ ଲକ୍ଷାଧିକ ଟଙ୍କା ବ୍ୟୟରେ ଚକୋଲେଟ୍ ତିଆରି କରିଥାନ୍ତି । ବଡ ଦିନ, ନୂଆ ବର୍ଷ ଅବସରରେ ଇଉରୋପ, ଆମେରିକା ପଂଚାୟତକା ହୋଟେଲରେ ମହଙ୍ଗା ଚକୋଲେଟ୍ ତିଆରି ହୁଏ । ନିକଟରେ ପର୍ତ୍ତୁଗାଲର ଓବିଡୋସ୍‌ରେ ବିଶ୍ୱର ସବୁଠୁ ମହଙ୍ଗା ଚକୋଲେଟ୍ ତିଆରି ହୋଇଛି । ଏହି ଚକୋଲେଟ୍‌ର ମୂଲ୍ୟ ୬ ଲକ୍ଷ ୧୮ ହଜାରୀ ୪୦୦ ଟଙ୍କା । ଏହି ଚକୋଲେଟ୍‌କୁ ପ୍ରସ୍ତୁତ କରୁଥିବା ମୁଖ୍ୟ ରୋଷେୟାଙ୍କ ମତରେ ଏଥିରେ ସୁନାର ବ୍ୟବହାର କରାଯାଇଛି, ଯାହା ଖାଇଲେ ସ୍ୱାସ୍ଥ୍ୟ ଉପରେ କୌଣସି କୁପ୍ରଭାବ ପଡେନାହିଁ । ବିଶ୍ୱର ସବୁଠୁ ମହଙ୍ଗା ମସଲା ଏହି ଚକୋଲେଟ୍‌ରେ ବ୍ୟବହୃତ ହୋଇଥିବାବେଳେ ମାଡାଗାସ୍କାର ଦ୍ୱୀପରୁ ଆସିଥିବା ହ୍ୱାଇଟ୍ ଟ୍ରଫଲ୍, ଭେନିଲା ବ୍ୟବହୃତ ହୋଇଛି । ଅନ୍ୟତମ

ରୋଚକ ତଥ୍ୟ ହେଉଛି, ଚକୋଲେଟ୍ ପାଇଁ ଦୁଇଜଣ ସୁରକ୍ଷାକର୍ମୀ ମଧ୍ୟ ନିଯୁକ୍ତ ହୋଇଛନ୍ତି । ଗିନ୍‌ଜ୍ ବୁକ୍ ଅଫ୍ ୱାର୍ଲ୍ଡ୍ ଅଫ୍ ରେକର୍ଡସ୍‌ରେ ମଧ୍ୟ ଏହା ବିଶ୍ୱର ସବୁଠୁ ଦାମୀ ଚକୋଲେଟ୍ ଭାବେ ସ୍ଥାନ ପାଇଥିବାର ପ୍ରକାଶ ।

ଘରର ମୂଲ୍ୟ ୩୫.୮ ଅରବ

ଆଜିର ସମୟ ଲୋକ ଘର ତିଆରି କିରବାରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ଆଦୌ ମନ ଉଣା କରୁନାହାନ୍ତି । କରଜ କରି କିମ୍ବା ନିଜ ସଞ୍ଚୟରୁ ବଞ୍ଚାଇ ଲୋକ ବହୁ ମୂଲ୍ୟ ବିଳାସମୟ ଘର ତିଆରି ଯୋଜନା କରୁଛନ୍ତି । ଏପରିସ୍ଥଳେ ଆମେରିକାର ଲସ୍‌ଆଞ୍ଜେଲସ୍‌ସ୍ଥିତ ବେଲ୍ ଏୟାର ପାହାଡ ଉପରେ ନିର୍ମିତ ଏକ ବିଳାସମୟ ଅଟ୍ଟାଳିକା ୩୫.୮ ଅରବ ମୂଲ୍ୟରେ ବିକ୍ରି ହୋଇଛି । ୧ଲକ୍ଷ ବର୍ଗ ଫୁଟ୍ ପରିସୀମାରେ ବହୁ ମୂଲ୍ୟ ଘରଟିକୁ ତିଆରି କରାଯାଇଥିବାର ପ୍ରକାଶ । ଆମେରିକାର ସବୁଠୁ ନାମୀ ଦାମୀ ଘର ଡିଜାଇନ୍ କରୁଥିବା ନିଲ୍ ନିୟାମି ଏଇ ଘରର ଡିଜାଇନ୍ କରିଛନ୍ତି । ଏହି ବିଳାସମୟ ଅଟ୍ଟାଳିକାର ବିଶେଷତ୍ୱ ହେଲା, ପୂରା ଲସ୍‌ଆଞ୍ଜେଲସ୍‌ର ଦୃଶ୍ୟ ଇଏ ଘରୁ ଦେଖାଯାଇଥାଏ । ଏହା ସହ ପ୍ରଶାନ୍ତ ମହାସାଗରର ସୁନ୍ଦର ଦୃଶ୍ୟ ମଧ୍ୟ ଘରୁ ଦୃଶ୍ୟମାନ ହୁଏ । ଘରର ଏକ ସ୍ୱତନ୍ତ୍ର କକ୍ଷରେ କାଚର କାନ୍ଥ ସଂଲଗ୍ନ ଆକ୍ୱାରିୟମ୍ କରାଯାଇ ରଙ୍ଗବେରଙ୍ଗର ମାଛମାନ ରଖାଯାଇଛି ।

୨ ଲକ୍ଷ ଟଙ୍କାର ଟିଭି !

ଆଜିକାଲି ଅଧିକାଂଶ ଲୋକ ବଡ ଏଲଇଡି ଟିଭି ଦେଖିବାକୁ ପସନ୍ଦ କରୁଛନ୍ତି । ଉଚ୍ଚକ୍ଷମତାସମ୍ପନ୍ନ ଏହି ଅତ୍ୟାଧୁନିକ ଟେଲିଭିଜନ ବଜାରରେ ଏବେ ସୁନାର ଟିଭି ଉପଲବ୍ଧ । ମିଳିଥିବା ତଥ୍ୟ ଅନୁସାରେ, ବ୍ରିଟିଶ୍ ଟିଭି କମ୍ପାନୀ 'ଏକ୍ୱାଭିଜନ୍' ୨୪ କ୍ୟାରେଟ୍‌ଯୁକ୍ତ ୧୦୦ ଇଂଚର ସୁନା ଟିଭି ତିଆରି କରିଛି । ଲଣ୍ଡନର ଏକ ମଲ୍‌ରେ ଏହି ଟିଭି ବିକ୍ରି ପାଇଁ ରହିଥିବାବେଳେ ସଂଖ୍ୟାଧିକ ଗ୍ରାହକ ସୁନାର ଟିଭି ଦେଖିବାକୁ ଆସୁଛନ୍ତି । ଏହି ଟିଭିର ଅନ୍ୟ ଏକ ମୁଖ୍ୟ ବିଶେଷତ୍ୱ ହେଲା, ତାହା ୱାଟରପ୍ରୁଫ୍ । ବିଳାସମୟ ଏହି ଟିଭିର ମୂଲ୍ୟ ୧କୋଟି ୯୬ ହଜାର ଟଙ୍କା ଧାର୍ଯ୍ୟ ହୋଇଛି । କମ୍ପାନୀ ଟିଭିର ନାମ 'ବିଡି-୧୦୦' ରଖିଛି । ୪ କେ କ୍ଷମତାସମ୍ପନ୍ନ ଏହି ଟିଭିର ବୁକିଂ ମଧ୍ୟ ଆରମ୍ଭ ହୋଇଗଲାଣି । ବ୍ରିଟେନ୍‌ର ଧନିକ ଗୋଷ୍ଠୀ ଏହି ଧାଡିରେ ଆଗୁଆ । ଏକ୍ୱାଭିଜନ୍ କମ୍ପାନୀ ମୁଖ୍ୟ ଅଧିକାରୀଙ୍କ ମତରେ ଗତ ୩ ଦିନ ମଧ୍ୟରେ ୭୭ ଜଣ ଲୋକ ଏହି ୨୪ କ୍ୟାରେଟ୍ ୱାଟରପ୍ରୁଫ୍ ଟିଭିର ବୁକିଂ କରିସାରିଲେଣି ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଏବେବି ଅସମ୍ଭାଳ...

'ତୁମେ ମୋତେ ଭଲ ପାଅ କି ନ ପାଅ, ମୁଁ ତୁମ ସହିତ ଅଛି ।" ସତେ ଯେପରି କରୋନା ମହାମାରୀ ଏକଥା କହି ଆମକୁ ତାଚ୍ଛଲ୍ୟ କରୁଛି ଏବଂ ତା'ର ପ୍ରତ୍ୟାବର୍ତ୍ତନର ସଂକେତ ଦେଉନାହିଁ । ବୈଶ୍ୱିକ ମହାମାରୀ କରୋନା ଏବେ ଭାରତରେ ତାହାର ସଂକ୍ରମଣର ଭୟଙ୍କର ରୂପ ଦେଖାଇଛି । ଦେଶର ଜୋରଦାର୍ ଲଢ଼େଇ ସତ୍ତ୍ୱେ ପ୍ରତିଦିନ ସଂକ୍ରମିତଙ୍କ ସଂଖ୍ୟା ଓ ମୃତ୍ୟୁହାର ବଢୁଛି ଏବଂ ଆକ୍ରାନ୍ତ ମଧ୍ୟ ଆରୋଗ୍ୟ ଲାଭ କରୁଛନ୍ତି । ଏହାସତ୍ତ୍ୱେ ଏଇ ପ୍ରୟାସରେ ମାଙ୍କଡ଼ର ତୈଳାକ୍ତ ଖମ୍ବ ଆରୋହଣ ଭଳି ଫଳାଫଳ ଦେଖାଉଛି । ଯେତିକି ଉପରକୁ ଉଠୁଛି ତା'ର ଦୁଇଗୁଣ ତଳକୁ ଖସିବାକୁ ପରିସ୍ଥିତି ବାଧ କରୁଛି । ତେଣୁ କରୋନା ବିରୋଧୀ ଲଢ଼େଇରେ ଭାରତ କେବେ ବିଜୟୀ ହେବ, ସେ ସମ୍ଭାବନାଟି ସୁଦୂରପରାହତ ମନେ ହେଉଛି । ଗତ ମାର୍ଚ୍ଚ ମାସରୁ ଏଯାଏ ତାଲାପକା ଓ ତାଲାଖୋଲା ପ୍ରକ୍ରିୟା ମଧ୍ୟରେ ଶାସନ, ପ୍ରଶାସନ, ଚିକିତ୍ସକ, ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ଜନତା ସମସ୍ତେ କର୍ମକ୍ଳାନ୍ତ । କରୋନା କିନ୍ତୁ ଥକି ନାହିଁ କି ଅଟକି ନାହିଁ । ଜୁନ୍‌କୁ ସବୁଠୁ ଅଧିକ ସଂକ୍ରମଣର ମାସଭାବେ ବିଚାର କରାଯାଉଥିବା ବେଳେ କରୋନା ଯୋଦ୍ଧା ଚିକିତ୍ସକ, ଚିକିତ୍ସକର୍ମୀ ଓ ଅନ୍ୟମାନେ ଏବେ ଏହି ବ୍ୟାଧିରେ ଅଧିକରୁ ଅଧିକ ସଂଖ୍ୟାରେ ଆକ୍ରାନ୍ତ ହୋଇ ଏକ ନୂଆ ଅସୁବିଧା ଦେଖାଦେଇଛି । ଓଡ଼ିଶା ସମେତ ସମଗ୍ର ଦେଶରେ କ୍ରମାଗତ ଭାବେ ଅଷ୍ଟମ ଦିନ ପାଇଁ କରୋନା ସଂକ୍ରମଣ ହାର ବଢୁଛି । ସଂକ୍ରମିତଙ୍କ ସଂଖ୍ୟା ଗତ ବୁଧବାର ସୁଦ୍ଧା ଦେଶରେ ୨ଲକ୍ଷ ୬୦ ହଜାର ଟପିଛି । ପ୍ରତିଦିନ ହାରାହାରି ୧୦ହଜାର ଲୋକ ଏଥିରେ ଆକ୍ରାନ୍ତ ହେଉଛନ୍ତି । ମୃତ୍ୟୁ ସଂଖ୍ୟା ମଧ୍ୟ ବଢୁଛି ଏବଂ ଏହା ଭିତରେ ଦୀର୍ଘ ୭୫। ଦିନର ଲକ୍‌ଡାଉନ ପରେ ଦେବାଳୟ ମଲ୍, ଦପ୍ତର ଓ ସ୍ୱାଭାବିକ ଭାବେ ଅଧିକ ଜନସମାଗମ ହେଉଥିବା ସ୍ଥାନକୁ ଆବଶ୍ୟକ ସର୍ତ୍ତ ଭିତ୍ତିରେ ଉନ୍ମୁକ୍ତ କରାଯାଇଛି । ଗାଡ଼ିମଡ଼ର ଚଳାଚଳ ଓ ସାର୍ବଜନିତ ପରିବହନ ବ୍ୟବସ୍ଥା ମଧ୍ୟ ସମାନ ସର୍ତ୍ତରେ ଆରମ୍ଭ ହୋଇଛି । ଅବଶ୍ୟ ଓଡ଼ିଶାରେ ଦାର୍ମିକ ସ୍ଥଳ ଉପରେ କଟକଣା ବଳବତ୍ତର ରହିଛି । ଏହା ସତ୍ତ୍ୱେ କରୋନା ମହାମାରୀ ଘେନି ଲୋକଙ୍କ ମଧ୍ୟରେ ଯେଉଁ ସତର୍କତା ଓ ସଚେତନତା ରହିବା କଥା ତାହା ରହୁନାହିଁ । ଲୋକେ ବିରକ୍ତରେ ହେଉ ଅଥବା ସ୍ୱଭାବ ହେତୁ ସମସ୍ତ କଟକଣା ଓ ବିଷୟକୁ ଖୋଲାଖୋଲି ଉଲ୍ଲଙ୍ଘନ କରୁଛନ୍ତି । ଭାରତ ଭଳି ଜନବହୁଳ ଓ ସାମାଜିକ ଦୃଷ୍ଟିରୁ ସମାବେଶୀ ଜନତା ଏକାଠି ଚଳପ୍ରଚଳ କରିବାରେ ଅଭ୍ୟସ୍ତ । ସେମାନଙ୍କ ପାଇଁ ବିଡ଼ ବା ଜନଗହଳି କେବେ ସମସ୍ୟା ସୃଷ୍ଟି କଲାଭଳି ମନେହୁଏନା । ପରିତାପର ବିଷୟ ହେଉଛି କରୋନା ମହାମାରୀ ଭଳି ଏକ ବିପଜ୍ଜନକ କାଳରେ ସେମାନେ ଓ ଶାରୀରିକ ବ୍ୟବଧାନ ରକ୍ଷା କରିବାକୁ ବିଶେଷ ତତ୍ପରତା ପ୍ରକାଶ କରୁନାହାନ୍ତି । ଓଡ଼ିଶାରେ ସଂକ୍ରମଣ ବଢୁଛି ଏବଂ ବୁଧବାର ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା ୩୨୫୦ରେ ପହଞ୍ଚିଛି । ମୃତ୍ୟୁସଂଖ୍ୟା ୯ କୁ ବୃଦ୍ଧି ପାଇଥିବାବେଳେ ୨୧୩୩ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ବୋଧହୁଏ ଉତ୍ତମ ଆରୋଗ୍ୟହାର ଓ କମ୍ ମୃତ୍ୟୁ ଯୋଗୁଁ ଲୋକେ କରୋନାକୁ ବେଶି ଗୁରୁତ୍ୱ ଦେଉନାହାନ୍ତି । ଏବେ ଓଡ଼ିଶାରେ ଯେଉଁସବୁ ନୂଆରୋଗୀ ସଂକ୍ରମିତ ହେଉଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ସଂଗରୋଧ ବା କ୍ୱାରେଣ୍ଟାଇନରେ ଥିବା ଲୋକ । ଏହା ସତ୍ତ୍ୱେ ବାହାରର କେତେକ ଲୋକ ସଂକ୍ରମିତ ହେଉଛନ୍ତି ଯାହା ଚିନ୍ତାର କାରଣ ହୋଇପାରେ । ବର୍ଷାକାଳ ଆଗତ ପ୍ରାୟ । ଏବେ ଥଣ୍ଡା, ସର୍ଦ୍ଦି, କାଶ ଓ ଜ୍ୱରର ଋତୁ ଆରମ୍ଭ ହେବ । ଏହା କରୋନା ସଂକ୍ରମଣ ସ୍ଥିତିକୁ ଅଧିକ ବିଗାଡ଼ି ପାରେ । ଏବେ ପୁଣି ଚିକିତ୍ସକ, ଚିକିତ୍ସାବ୍ୟବସ୍ଥା ଓ ପ୍ରଶାସନ କ୍ଳାନ୍ତଶ୍ରାନ୍ତ । ରାଜକୋଷ ପ୍ରବଳ ଚାପର ସମ୍ମୁଖୀନ । ତେଣୁ କରୋନା ଲଢ଼େଇକୁ ଆଗେଇ ନେବାପାଇଁ ଉତ୍ସାହରେ ହ୍ରାସ ପରିଲକ୍ଷିତ ହେବା ସ୍ୱାଭାବିକ । କରୋନା ଠିକ୍ ଏହି ସମୟରେ ଅପେକ୍ଷାରେ ଅଛି । ଲଢ଼େରେ ଶିଥିଳତା, ଉତ୍ସାହହାନି ଓ ବ୍ୟାଧି ପ୍ରତି ଭୟ ହ୍ରାସ ସଂକ୍ରମଣ ବ୍ୟାପିବାକୁ ସୁଯୋଗ ଦେବ ଏବଂ ଗୋଷ୍ଠୀ ସଂକ୍ରମଣ ବ୍ୟାପିବା ପ୍ରାୟ ନିଶ୍ଚିତ । ଗୋଷ୍ଠୀ ସଂକ୍ରମଣ ଫଳରେ ସାମୂହିକ ପ୍ରତିରୋଧ ଶକ୍ତି ବଢ଼ିବ ଓ କରୋନା ହାରିବ ବୋଲି ଯେଉଁ ଧାରଣା ଏବେ ବଳବତ୍ତର ହୋଇଛି ତାହା ସହଜଲବ୍ଧ ନୁହେଁ । ଏହି ଗୋଷ୍ଠୀ ପ୍ରତିରୋଧ ଶକ୍ତି ସେତେବେଳେ ଯାଉ ଆମେ ମହାମାରୀର ଅସଲ ପରିଚୟ ପାଇବା । ଏବେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ନିରାପତ୍ତାକୁ ଅଗ୍ରପ୍ର-ାଧାନ୍ୟ ଦେବା ପ୍ରଥମ କର୍ତ୍ତବ୍ୟ । କେବଳ ସରକାର ନୁହନ୍ତି, ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କୁ ଏଥିପାଇଁ ସତର୍କ ରହିବାକୁ ପଡ଼ିବ । ଇତିମଧ୍ୟରେ ଓଡ଼ିଶା ସମେତ ୧୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୦ ଜିଲ୍ଲାରେ କରୋନା ସଂକ୍ରମଣ ହାର ଅଧିକ ଥିବାର ଜଣାପଡ଼ିବା ପରେ କେନ୍ଦ୍ର ସରକାରଙ୍କ ଚିନ୍ତା ବଢ଼ିଯାଇଛି । ସେଥିରେ ମହାରାଷ୍ଟ୍ର ଓ ତାମିଲନାଡୁର ସାତଟି ଲେଖାଏଁ ଜିଲ୍ଲା ଥିବାବେଳେ ଆସାମର ଛ'ଟି ଏବଂ ଓଡ଼ିଶା, ମଧ୍ୟପ୍ରଦେଶ ଓ ରାଜସ୍ଥାନର ପାଞ୍ଚଟି ଲେଖାଏଁ ଜିଲ୍ଲା ରହିଛି । ଏହିସବୁ ଜିଲ୍ଲାଗୁଡ଼ିକ ହେଲା ଗଞ୍ଜାମ, ଯାଜପୁର, ଖୋରଧା, ବାଲେଶ୍ୱର ଓ ଭଦ୍ରକ । କେନ୍ଦ୍ରସରକାରଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରୀୟ ବିଶେଷଜ୍ଞ ଦଳ ଏସବୁ ଜିଲ୍ଲା ଗସ୍ତକରି ସ୍ଥିତି ଅନୁଧ୍ୟାନ କରିବା ସହ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବେ । ତେବେ ସଂକ୍ରମଣର ହ୍ରାସ ବୃଦ୍ଧି ସ୍ୱାବ୍ ପରୀକ୍ଷାର ସଂଖ୍ୟା ଉପରେ ନିର୍ଭର କରୁଛି ଏବଂ ଆଉ ୧୫ଦିନପରେ ହୁଏତ ଅଧିକ ସଂକ୍ରମଣପ୍ରବଣ ଜିଲ୍ଲାର ତାଲିକା ବଦଳି ଯାଇପାରେ । ତେଣୁ ଏବେ ସବୁଠୁ ବଡ଼ କଥା ଚାହେଉଛି ରାଜ୍ୟ ସରକାରମାନେ ସମ୍ମୁଖୀନ ହେଉଥିବା ବାସ୍ତବସ୍ଥିତି ଓ ଆହ୍ୱାନକୁ କେନ୍ଦ୍ରୀୟ ଟିମ୍ ଭଲଭାବେ ଅନୁଧ୍ୟାନ କରି ସମାଧାନର ବାଟ ବାହାର କରିବା । ଏବେ କୋଭିଡ୍ ମୁକାବିଲା କ୍ଷେତ୍ରରେ ରାଜ୍ୟ ସରକାର ସମୂହ ଦକ୍ଷତା, ଭିତ୍ତିଭୂମି ଓ ସାମର୍ଥ୍ୟ ହାନିର ସମ୍ମୁଖୀନ । ସଂକ୍ରମଣ ଓ ମୃତ୍ୟୁସଂଖ୍ୟା ବଢୁଥିବାରୁ ଆଗାମୀ ମାସେ ଦୁଇମାସ କିପରି ଏହାର ସଫଳ ମୁକାବିଲା କରାଯାଇ ପାରିବ କେନ୍ଦ୍ରୀୟ ଟିମ୍ ସେଥିପାଇଁ ଯତ୍ନବାନ ହେବା ଜରୁରୀ ।

ଜୀବନର ରଙ୍ଗ

କୁନା ସେଠୀ

ଜୀବନର ରଙ୍ଗ ଆଜି
ଲାଗେ ଫିକା ଫିକା
ଚାରିଆଡ଼େ ଶୁନଶାନ୍
ଲାଗେ ଏକା ଏକା ।

ରଙ୍ଗ ଭିଜା ସପନ ଟା
ମଳିନ ଦିଶଇ
ସୁଖଭରା ନିଦ ଆଜି
ଭୟରେ ଭାଙ୍ଗ ଇ ।

ଟଙ୍କା ଆଜି ଭୁଲି ଅଛି
ନିଜ ବଡ଼ ପଣ
ଜୀବନର ମୂଲ୍ୟ ଆଜି
ଖୋଜେ ନିଜ ଗୁଣ ।

କରୋନା ନାସିଛି ଆଜି
ମାନବର ଟାଣ
ଜୀବନଟା ଫିକା ଫିକା
ମରିଚିକା ଜାଣ ।

ହସଇ ଧରଣୀ ଆଜି
ହସଇ ଆକାଶ
ଜଳ ସ୍ଥଳ ନୀରବରେ
ଛାଡ଼ଇ ନୀରବରେ
ଛାଡ଼ଇ ନିଃଶ୍ୱାସ ।

ପ୍ରକୃତି ଟା ହସ ହସ
ସତେଜ ଚେହେରା
ମଣିଷ ସାଜିଛି କିନ୍ତୁ
ନିଜେ ସର୍ବହରା ।

କଲା କର୍ମ ଫଳ ଆଜି
ଭୁଞ୍ଜଇ ସେ ନିଜେ
ନିଚ ମନା ହୋଓ ଆଜି
ପଛ କଥା ହେଜେ ।

ରଙ୍ଗ ସିନା ଶୋଭାପାଏ
ଜୀବନରେ ହାଏ
ରଙ୍ଗ ଛାଡ଼ି ଗଲେ ସବୁ
ଦିଗ ହଜି ଯାଏ ।

+ ଭୂତସରସିଙ୍ଗୀ, ଗଞ୍ଜାମ
ମୋ: ୬୩୭୦୭୦୬୨୮୦

ପୁତିନଙ୍କ ବଡ ଖେଳ

ସୌମେନ୍ଦ୍ର ଜେନା

ରୁଷିଆର ବର୍ତ୍ତମାନ ରାଷ୍ଟ୍ରପତି ଥିବା ଭ୍ଲାଦିମିର ଭ୍ଲାଦିମିରୋମିଚ ପୁତିନ ନିକଟରେ ରୁଷିଆର ସଂସଦ ଡୁମାରେ ଏକ ପ୍ରସ୍ତାବ ଆଣିଥିଲେ । ଯାହାକୁ ନେଇ ରଷିଆ ଠାରୁ ଆରମ୍ଭ କରି ସମଗ୍ର ବିଶ୍ୱଯାଏ ଚର୍ଚ୍ଚା ଓ ଆଶଙ୍କା ବଢିବାରେ ଲାଗିଛି । ତା ହେଲା ୨୦୩୬ଯାଏ ନିରଙ୍କୁଶ ଭାବେ ରୁଷିଆର କ୍ଷମତାରେ ରହିବା ପାଇଁ ପୁତିନଙ୍କ ଦ୍ୱାରା ସାମ୍ବିଧାନିକ ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ପ୍ରସ୍ତାବ । ରୁଷିଆର ସଂସଦ ଡୁମାରେ ଏହି ପ୍ରସ୍ତାବ ଗୃହୀତ ହେବାପରେ ଏହାକୁ ଗଣଭୋଟ ମାଧ୍ୟମରେ ସ୍ୱୀକୃତି ଦିଆଯିବ । ୨୦୩୦ପର୍ଯ୍ୟନ୍ତ ଚୀନର ରାଷ୍ଟ୍ରପତି ଦାୟିତ୍ୱରେ ରହିବା ପାଇଁ ଲି ଜିନ୍‌ପିଙ୍ଗ ଠିକ୍ ଏମିତି ନିଜ ଦେଶର ସମ୍ବିଧାନକୁ ବଦଳାଇଛନ୍ତି । ହେଲେ ଏକଦଳୀୟ ଶାସନ ଚାଲୁଥିବା ଚୀନ ପରି କମ୍ୟୁନିଷ୍ଟ ଶାସିତ ଦେଶରେ ଏହା କିଛି ବଡ କଥା ନୁହେଁ । କାରଣ ଅତୀତରେ ବାମପନ୍ଥୀ ବିପ୍ଳବ ଦର୍ଶନ ଓ ଶାସନର ପ୍ରସାର ପାଇଁ ଗତ ଶତାବ୍ଦୀରେ ଇଉରୋପରେ ପ୍ରାୟ ଦୁଇ ନିୟୁତରୁ ଅଧିକ ଲୋକଙ୍କ ହତ୍ୟା ହୋଇଥିଲା । ଆଜି ମଧ୍ୟ ସେହି ବିପ୍ଳବର ଉଗ୍ରବାଦୀ ଦର୍ଶନ ଯୋଗୁ ଭାରତରେ ମୁଣ୍ଡ ଟେକିଛି ମାଓବାଦ ।

ପୁତିନଙ୍କ ଏହି ଉପକ୍ରମ କଣ ପାଇଁ ତାହାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗୋଟିଏ ପଟେ ପୃଥିବୀରେ ଗଣତନ୍ତ୍ର ସପକ୍ଷରେ ଅଧିକରୁ ଅଧିକ ଲୋକ ସମର୍ଥନ ବଢୁଥିଲା ବେଳେ ନିରଙ୍କୁଶ ଭାବେ କ୍ଷମତାରେ ରହିବା ଲାଗି ଯେମିତି ଶାସକମାନଙ୍କ ଆଗ୍ରହ ବଢୁଛି ତାହା ଆଗାମୀ ଦିନରେ ପ୍ରଚଣ୍ଡ ଅହଂକାର ସେମାନଙ୍କ ମନରେ ସୃଷ୍ଟି କରି ଯୁଦ୍ଧର ଘନଘଟାକୁ ଡାକିଆଣିବ ବୋଲି ଅନେକ ଆଶଙ୍କା ପ୍ରକାଶ କଲେଣି । ଏମିତି ଦେଖିଲେ ଗତ ୩୦ବର୍ଷର ରାଜନୀତିରେ ପୁତିନ ୨୦ବର୍ଷ ପାଇଁ ରୁଷିଆର କେନ୍ଦ୍ର କ୍ଷମତାରେ କେବେ ରାଷ୍ଟ୍ରପତି ଆଉ କେବେ ପ୍ରଧାନମନ୍ତ୍ରୀ ଭାବେ ୨୦୦୦ରୁ ଆଜିଯାଏ ରହିଆସିଛନ୍ତି । ରୁଷିଆର ଗୁଇନ୍ଦା ସଂସ୍ଥା ବେଜିଦିରେ ୧୬ବର୍ଷ କାଳ ବିଦେଶ ଅଧିକାରୀ ଭାବେ କାର୍ଯ୍ୟକରି ଲେଫଟ୍‌ନାଣ୍ଟ ଜେନେରାଲ ପର୍ଯ୍ୟନ୍ତ ସେ ପଦୋନ୍ନତି ପାଇଥିଲେ । ସୋଭିଏତ୍ ରୁଷର ବିଭାଜନ ପରେ ୧୯୯୧ରେ ପୁତିନ ଗ୍ଲିକିରିରୁ ଇସ୍ତଫା ପ୍ରଦାନ କରି ସେହିବର୍ଷ ଆନାଟୋମି ସାବଚ୍ଚେକଙ୍କ ପରାମର୍ଶଦାତା ଭାବେ ନିଯୁକ୍ତ ହୋଇଥିଲେ । ୧୯୯୨ରେ ସାବଚ୍ଚେକ ଲେନିନଗ୍ରାଡର ମେୟର ନିର୍ବାଚିତ ହେଲାପରେ ପୁତିନ ତାଙ୍କ ବୈଦେଶିକ ବିଭାଗର ମୁଖ୍ୟ ହୋଇଥିଲେ । ୧୯୯୪ରେ ପୁତିନ ସାବଚ୍ଚେକଙ୍କ ପ୍ରଥମ ଉପମେୟର ଭାବେ ନିଯୁକ୍ତ ହୋଇଥିଲେ । ୧୯୯୬ରେ ସାବଚ୍ଚେକଙ୍କ ନିର୍ବାଚନରେ ପରାଜୟ ପରେ ପୁତିନ ମସ୍କୋ ଚାଲିଗଲେ । ୧୯୯୮ରେ ସେ ତତ୍‌କାଳୀନ ରାଷ୍ଟ୍ରପତି ବୋରିସ ୟେଲତ୍‌ସିନଙ୍କ ପରିଚାଳନା ଉପମୁଖ୍ୟ ହୋଇ ଆଞ୍ଚଳିକ ସରକାର କ୍ରେମଲିନ ସଂପର୍କର ସୂତ୍ରଧର ହେଲେ । ପରେ ସେ କେଜିବିର ସହଯୋଗୀ ସଂସ୍ଥା ଫେଡେରାଲ ସିକ୍ୟୁରିଟୀ ସର୍ଭିସର ମୁଖ୍ୟ ହେଲେ । ଏହା ସହିତ ସେ ୟେଲତ୍‌ସିନ୍‌ଙ୍କ ସୁରକ୍ଷା କାଉନସିଲର ମୁଖ୍ୟ ହୋଇଥିଲେ । ରୁଷିଆର ଆର୍ଥିକ ମାନ୍ଦାବସ୍ଥା ଓ ଦୁର୍ବଳ ପରିଚାଳନା ଯୋଗୁ ଜନ ଅସନ୍ତୋଷ ବଢିବା ଦେଖି ୟେଲତସିନ୍ ଅଗଷ୍ଟ ୧୯୯୯ରେ ପ୍ରଧାନମନ୍ତ୍ରୀ ସର୍ଗେଇ ଷ୍ଟାପସିନ୍‌ଙ୍କ ସମେତ ତାଙ୍କର କ୍ୟାବିନେଟକୁ ହଟାଇ ପୁତିନଙ୍କୁ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଦେଇଥିଲେ । ସେହିବର୍ଷ ଡିସେମ୍ବରରେ ବୋରିସ ୟେଲତସିନ ନିଜେ ରାଷ୍ଟ୍ରପତି ପଦବୀରୁ ଇସ୍ତଫା ଦେଇ ପୁତିନଙ୍କୁ କାର୍ଯ୍ୟକାରୀ ରାଷ୍ଟ୍ରପତି ଦାୟିତ୍ୱ ଦେଇଥିଲେ । ମାର୍ଚ୍ଚ ୨୦୦୦ରେ ପୁତିନ ଅନୁଷ୍ଠିତ ନିର୍ବାଚନରେ ୫୩ ପ୍ରତିଶତ ଭୋଟପାଇ ରୁଷିଆର ରାଷ୍ଟ୍ରପତି ହୋଇଥିଲେ । ଦାୟିତ୍ୱ ନେବାପରେ ସେ ରୁଷିଆରେ ବଢିଥିବା ପ୍ରଶାସନିକ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅନେକ ଅଧିକାରୀଙ୍କ କାର୍ଯ୍ୟର ଅନୁସନ୍ଧାନ କରାଇଲେ । ଚେଚେନ୍ୟାରେ ଇସଲାମିକ ସନ୍ତ୍ରାସବାଦ ଯୋଗୁ ସେ ସାମରିକ କାର୍ଯ୍ୟାନୁଷ୍ଠାନ ଚଳାଇଲା । ୨୦୦୧ରେ ଆମେରିକା ଉପରେ ଓସାମାବିନ୍ ଲାଡେନ୍ ଗୋଷ୍ଠୀର ଅଲକାୟଦା ସନ୍ତ୍ରାସବାଦୀମାନେ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ଆକ୍ରମଣ କରି ଧ୍ୱଂସ କରିବା ପରେ ପୁତିନ ପ୍ରଥମେ ଆମେରିକାକୁ ସମର୍ଥନ ଜଣାଇଥିଲେ । କିନ୍ତୁ ଇରାକ ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କୁ କ୍ଷମତାଚ୍ୟୁତ କରିବାକୁ ଆମେରିକାର ଲକ୍ଷ୍ୟ ରହିବା ପରେ ସେ ଆମେରିକାର ବିରୋଧ କରୁଥିବା ଫ୍ରାନ୍ସ ରାଷ୍ଟ୍ରପତି ଜାକ୍ ସିରାକ ଏବଂ ଜର୍ମାନୀର ଗ୍ଭନସେଲର ଗେରହାର୍ଡଙ୍କୁ ସମର୍ଥନ ଜଣାଇଲେ ।

ସୋଭିଏତରେ ବିଭାଜନ ପରେ ୧୫ଟି ଦେଶ ରୁଷିଆ ଠାରୁ ଅଲଗା ହେବାପରେ ଆର୍ଥିକସ୍ଥିତି ଦୋହଲିଯାଇଥିଲା । ଫଳରେ ରୁଷିଆ ଶୀତଳଯୁଦ୍ଧରୁ ପଛକୁ ହଟିଥିଲା । ଆଫଗାନିସ୍ଥାନରୁ ରୁଷିଆର ସେନା ପଛକୁ ହଟିଥିଲେ । ମସ୍କୋରେ ପାଉଁରୁଟି ଏବଂ କ୍ଷୀର ପାଇଁ ଲୋକେ ଘଣ୍ଟା ଘଣ୍ଟା ଧରି ଧାଡି ଲଗାଇବାକୁ ବାଧ ହେଉଥିଲେ । ପୃଥିବୀର ମହାଶକ୍ତିମାନ ରାଷ୍ଟ୍ରର ଏହି ସମସ୍ୟା ପୁତିନଙ୍କୁ ଚିନ୍ତାରେ ପକାଇଥିଲା । ତେଣୁ ସେ ଦେଶର ଆର୍ଥିକ ସ୍ଥିତିକୁ ସୁଧାରିବା ପାଇଁ ଗ୍ୟାସ ଓ ତୈଳ ରପ୍ତାନୀ ଉପରେ ଅଧିକ ଜୋର ଦେଲେ । ଅନେକ ବିଷୟରେ ପ୍ରତିକ୍ରିୟା ପ୍ରକାଶ ନକରି ନୀରବ ରହିଲେ । ୪ ମାର୍ଚ୍ଚ ୨୦୧୨ରେ ତୃତୀୟଥର ପାଇଁ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେଲା ପରେ ରୁଷିଆର ଶିଶୁଙ୍କୁ ପୋଷ୍ୟ ଗ୍ରହଣ କରୁଥିବା ଆମେରିକାକୁ ରୋକିବା ପାଇଁ ସେ ନୀତିକୁ ବଦଳାଇଲେ । ୱିକଲିସର ସ୍ନୋଡେନଙ୍କୁ ଶରଣ ଦେଇ ସେ ଆମେରିକା ଓ ଇଉରୋପର ବିରୋଧକୁ ସାମନା କଲେ । ଆମେରିକା ରାଷ୍ଟ୍ରପତି ବାରାକ ଓବାମା ଏଥିପାଇଁ ପୁତିନଙ୍କ ସହ ହେବାକୁ ଥିବା ସାକ୍ଷାତ କାର୍ଯ୍ୟକ୍ରମକୁ ରଦ୍ଦ କଲେ । ପରେ ସେପ୍ଟେମ୍ବର ୨୦୧୩ ରେ ସିରିଆ ଆମେରିକା ମଧ୍ୟରେ ବିବାଦ ଦେଖାଦେଲା । ସିରିଆରେ ଦୀର୍ଘ ୫୦ବର୍ଷ ଧରି ଶାସନ କ୍ଷମତାରେ ଥିବା ବସର ଅଲ ଅସଦଙ୍କୁ କ୍ଷମତାରୁ ହଟାଇବାକୁ ଆମେରିକା ସହାୟତାରେ ସାଉଦି ଆରବ, ଏମିରେଟ ଆଦି ସିରିଆର ବିଦ୍ରୋହୀ ଏବଂ ଅସଦଙ୍କ ଗୋଷ୍ଠୀଙ୍କୁ ସବୁ ପ୍ରକାର ସହାୟତା ଯୋଗାଇଦେଲେ । ଫଳରେ ସିରିଆରେ ଅସଦଙ୍କ ବିରୋଧୀ ଏବଂ ସିରିଆ ସେନାଙ୍କ ମଧ୍ୟରେ ଗୃହଯୁଦ୍ଧ ଆରମ୍ଭ ହୋଇଗଲା । ଆମେରିକା, ତୁର୍କୀ ଏବଂ ବ୍ରିଟେନ ସମେତ ଇଉରୋପର ଅନେକ ଦେଶ ସିରିଆର ବିଦ୍ରୋହୀଙ୍କୁ ସହାୟତା କଲାପରେ ଯୁଦ୍ଧ ଭୟଙ୍କର ହୋଇଥିଲା । ତେଣୁ ସେପ୍ଟେମ୍ବର ୨୦୧୫ରେ ସିରିଆ ସରକାରଙ୍କୁ ସମର୍ଥନ କରି ରୁଷିଆ ପକ୍ଷରୁ ସିରିଆର ବିଦ୍ରୋହୀଙ୍କ ଉପରେ ପ୍ରବଳ ବୋମାମାଡ କରାଗଲା । ଫଳରେ ଅନେକ ବିଦ୍ରୋହୀ ମୃତ୍ୟୁବରଣ କଲେ । ଡିସେମ୍ବର ୨୦୧୭ରୁ ରୁଷ ସ୍ଥଳସେନା ସିରିଆରୁ ନିଜ ଦେଶକୁ ଫେରିଥିଲେ । ତେବେ ସିରିଆ ସମସ୍ୟାରେ ରୁଷିଆର ପ୍ରବେଶ ପରେ ତୁର୍କୀ ଆମେରିକା ନିକଟରେ ପରାଜୟ ବରଣ କରୁଥିବା ସିରିଆ ସେନା ବିଜୟଧାରାକୁ ଫେରିଥିଲା ।

୨୦୧୨ରେ ରାଷ୍ଟ୍ରପତି ପୁତିନ କ୍ଷମତାକୁ ଆସିଲା ପରେ ୨୦୧୪ରେ ରୁଷିଆର ସୋଚିଠାରେ ଅନୁଷ୍ଠିତ ଶୀତକାଳୀନ ଅଲମ୍ପିକ କ୍ରୀଡାର ସଫଳ ଆୟୋଜନ କରାଇଥିଲେ । ୨୦୧୩ରେ ସନ୍ତ୍ରାସବାଦକୁ ବିରୋଧ କରିବା ସହ ୨୦୧୪ରେ ୟୁକ୍ରେନରେ ସେ ହସ୍ତକ୍ଷେପ କରିଥିଲେ । ୨୦୧୭ରେ ସେଣ୍ଟ ପିଟର୍ସବର୍ଗରେ ଆତ୍ମଘାତୀ ଆକ୍ରମଣ ଯୋଜନାକୁ ରୁଷିଆ ପକ୍ଷରୁ ପଣ୍ଡ କରାଯାଇଥିଲା । ପୁତିନଙ୍କ ଏହି ପଦକ୍ଷେପ ତାଙ୍କ ରାଜନୀତିକ ସ୍ଥିତିକୁ ଦେଶରେ ବେଶ ମଜଭୁତ କରି ଗଢି ତୋଳିଥିଲା । ତେଣୁ ୧୮ ମାର୍ଚ୍ଚ ୨୦୧୮ରେ ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନରେ ପୁତିନ ୭୬ ପ୍ରତିଶତ ଲୋକପ୍ରିୟ ଜନମତ ସହ ବିଜୟୀ ହୋଇଥିଲେ । ଜାନୁଆରୀ ୨୦୨୦ରେ ସାମ୍ବିଧାନିକ ସଂଶୋଧନ ପ୍ରସ୍ତାବ ଆଣିବା ସହ ପୁତିନ ପ୍ରଧାନମନ୍ତ୍ରୀ ମେଡଭେଡେଭଙ୍କ ସ୍ଥାନରେ ମିଖାଇଲ ଭି.ମିସୁଷ୍ଟିନଙ୍କୁ ନୂଆ ଦାୟିତ୍ୱ ଦେଇଛନ୍ତି ।

ସୋଭିଏତ୍ ରୁଷିଆର ପତନ ପରେ ରୁଷିଆର ପତନ ହୋଇଯିବ ବୋଲି ଯେମିତି ଆମେରିକା ସରକାର ମନେ ମନେ ଭାବିଥିଲେ ପୁତିନ ତାହାକୁ କରାଇ ଦେଇନାହାନ୍ତି । ୟୁକ୍ରେନ ମାମଲା ପରେ ରୁଷିଆ ବିରୋଧରେ ଆମେରିକା କଟକଣା ଲଗାଇବା ସତ୍ତ୍ୱେ ଅତି ଧୈର୍ଯ୍ୟର ସହ ପରିସ୍ଥିତିକୁ ସାମନା କରି ସେ ପ୍ରତିରକ୍ଷାରେ ବିକାଶ, ଆଭ୍ୟନ୍ତରୀଣ ଅର୍ଥନୀତିରେ ସ୍ଥିରତା, ବନ୍ଧୁରାଷ୍ଟ୍ରଗୁଡିକ ସହ ଉତ୍ତମ ସଂପର୍କ ରକ୍ଷା, ଅତ୍ୟାଧୁନିକ ଅସ

ଗ୍ରୀଷ୍ମ କାଳୀନ ପାନୀୟ:ଆଖୁରସ

ଆଉ ଦିନ କେଇଟାରେ ରୌଦ୍ରତାପ ଆରମ୍ଭ ହୋଇଯିବ । ଏହି ଋତୁରେ ସମସ୍ତ ଗର୍ବର ଲୋକ ନିଜ ସ୍ୱାସ୍ଥ୍ୟକୁ ନେଇ ସଚେତନ ରହିବା ଜରୁରୀ । ଖାଦ୍ୟପାନୀୟ ବାବଦରେ ସତର୍କ ରହିବା ସହ ବିଶେଷଜ୍ଞଙ୍କ ମତରେ ନିୟମିତ ଭାବେ ଆଖୁ ରସ ପିଇବା ଶରୀର ପାଇଁ ଖୁବ୍ ଭଲ ।

- ଆଖୁ ରସ ଏକ ମହଙ୍ଗା ପାନୀୟ ନୁହେଁ । ଏଣୁ ପ୍ରତିଦିନ ପିଇବାରେ କୌଣସି ଅସୁବିଧା ନାହିଁ । ଖରାଦିନେ ଅଧିକାଂଶ ସମୟ ଗରମ ରହିଥାଏ । ଏହି ପାନୀୟ ପିଇଲେ ପେଟ ଥଣ୍ଡା ରହିବା ସହ ଶରୀରରେ ଜଳାଭାବ ସମସ୍ୟା ହୋଇନଥାଏ ।
- ପୋଷକତତ୍ତ୍ୱ ଭରପୂର ଆଖୁ ରସ ପିଇଲେ ରୋଗପ୍ରତିରୋଧକ ଶକ୍ତି ବଢିବା ସହ ବିଭିନ୍ନ ପ୍ରକାର ସଂକ୍ରମଣରୁ ମଧ୍ୟ ରକ୍ଷା କରେ ।
- ଖରାରେ ଅଳ୍ପ ସମୟ ବୁଲିଲେ ଥକ୍କା ଲାଗିଥାଏ । ସେଇ ସମୟରେ ଆଖୁ ରସ ପିଇଲେ ତାହା ଶକ୍ତିବର୍ଦ୍ଧକ ପାନୀୟ ଭାବେ କାମ କରୁଥିବାର ବିଶେଷଜ୍ଞଙ୍କ ମତ ।
- ନିଶାସେବନ କରୁଥିବା ବ୍ୟକ୍ତିଙ୍କୁ ଯକୃତ ରୋଗ ହେବାର ଆଶଙ୍କା ଅଧିକ । ଆଖୁ ରସ ସେମାନଙ୍କ ନିମନ୍ତେ ଏକ ଉତ୍ତମ ପାନୀୟ ।
- ବିଭିନ୍ନ ପ୍ରକାର ଅନୁଧ୍ୟାନରୁ ପ୍ରମାଣିତ ହୋଇଛି, ନିଦ୍ରାହୀନ ରୋଗୀ ଆଖୁ ରସ ପିଇଲେ ସେମାନଙ୍କୁ ଭଲ ନିଦ ହୋଇଥାଏ ।
- ଦିନକୁ ୨ଥର ଆଖୁରସ ପିଇବା ଶରୀର ଉପରେ ଉତ୍ତମ ପ୍ରଭାବ ପକାଉଥିବାର ବିଶେଷଜ୍ଞଙ୍କ ମତ । ବାରମ୍ବାର ଆଖୁ ରସ ପିଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ ।

ମଙ୍ଗଳରେ 'ମାର୍ସକ୍ୱେକ୍'

ମଙ୍ଗଳ ଗ୍ରହରେ ବି ଭୂମିକମ୍ପ ପରି କମ୍ପନ ସୃଷ୍ଟି ହେଉଛି । ଏହାକୁ ବୈଜ୍ଞାନିକମାନେ 'ମାର୍ସକ୍ୱେକ୍' ବୋଲି କହିଛନ୍ତି । ନାସାର ଇନ୍‌ସାଇଟ୍ ଲ୍ୟାଣ୍ଡର ମଙ୍ଗଳ ପୃଷ୍ଠରେ ଏପରି ଶତାଧିକ କମ୍ପନ ହେଉଥିବା ଠାବ କରିଛି । ଅବଶ୍ୟ ଏହାର ତୀବ୍ରତା ସେତେ ଅଧିକ ନୁହେଁ । ନେଚର ଜିଓ ସାଇନ୍ସ ଏବଂ ନେଚର କମ୍ୟୁନିକେସନ୍‌ସରେ ଏ ସଂକ୍ରାନ୍ତ ରିପୋର୍ଟ ପ୍ରକାଶ ପାଇଛି । ୨୦୧୮ ରେ ସୁପରସୋନିକ ପାରାଶୁଟ୍ ଜରିଆରେ ଇନ୍‌ସାଇଟ ଲ୍ୟାଣ୍ଡର ମଙ୍ଗଳ ପୃଷ୍ଠରେ ଓହ୍ଲାଇଥିଲା । ୨୦୧୯ ଏପ୍ରିଲରେ ଏହା ପ୍ରଥମ 'ମାର୍ସକ୍ୱେକ୍' ଠାବ କରିଥିଲା । ତେବେ ପୃଥିବୀରେ ଏଭଳି କମ୍ପନ ହେଲେ ଏହା ଜଣାପଡିବ ନାହିଁ । ପୃଥିବୀ ପରି ମଙ୍ଗଳ ଗ୍ରହର ଅଭ୍ୟନ୍ତର ଏବେ ଥଣ୍ଡା ହେବାର ପ୍ରକ୍ରିୟା ଜାରି ରହିଥିବା ଯୋଗୁ ଏପରି କମ୍ପନ ସୃଷ୍ଟି ହେଉଥିବା ବୈଜ୍ଞାନିକମାନେ ଜଣାଇଛନ୍ତି ।

ଅତ୍ୟାଧୁନିକ ବାଇଓନିକ୍ ଚେୟାର୍

ବ୍ୟସ୍ତବହୁଳ ଜୀବନରେ ବିଭିନ୍ନ କାମ ନିମନ୍ତେ ଆମକୁ ଯା ଆସ କରିବାକୁ ପଡିଥାଏ । କେତେକ ପିରସ୍ଥିତିରେ ଆମେ ପହଞ୍ଚିବା ପରେ ବସିବା ପାଇଁ ସ୍ଥାନଟିଏ ପାଇନଥାଉ । ଅଧିକ ସମୟ ଛିଡା ହେଲେ ଥକିଯିବା ସହ ଗୋଡ ମଧ୍ୟ ବିନ୍ଧା ହୁଏ । ଏଇ ସମସ୍ୟାର ସମାଧାନ କରିଛନ୍ତି କାନାଡାର ଇଂଜିନିୟର ଦଳ । ଏଭଳି ଏକ ଚେୟାର୍ ତିଆରି କରିଛନ୍ତି, ଯାହାକୁ ଆମେ ପୋଷାକ ଭଳି ପିନ୍ଧିପାରିବା । ଏହାର ନାମ 'ବାଇଓନିକ୍ ଲେଗ୍ ଚେୟାର୍' ଦିଆଯାଇଛି । ଫୋଲ୍ଡ କରି ନିଜ ବ୍ୟାଗ୍‌ରେ ରଖିପାରିବା ସହ ଆବଶ୍ୟକ ସମୟରେ ଏହି ଚେୟାରକୁ ପିନ୍ଧିପାରିବେ । ଏହି ଚେୟାର୍‌ର ମୂଲ୍ୟ ୯ ହଜାର ଟଙ୍କାରୁ ଆରମ୍ଭ ହୋଇଥିବା ପ୍ରକାଶ ।

ଘରକୁ ସୁରକ୍ଷିତ ରଖିବା 'ସ୍ମାର୍ଟ ଲକ୍'

ନ୍ୟୁୟର୍କର ଏକ ନାମୀ କମ୍ପାନୀ 'ସ୍ମାର୍ଟ ଲକ୍' ତିଆରି କରିଛି । ଏହି ଲୁକ୍ ସହାୟତାରେ ଆପଣଙ୍କ ଘର ପୂର୍ଣ୍ଣ ସୁରକ୍ଷିତ ରହିବ ବୋଲି କମ୍ପାନୀ ତରଫରୁ କୁହାଯାଇଛି । ସ୍ମାର୍ଟଫୋନ୍‌ରେ ଥିବା ଆପ୍ଲିକେସନ୍ ସହାୟତାରେ ହିଁ ଲକ୍‌ଟି ପରିଚାଳିତ ହେବ । ବ୍ଲୁ-ଟୁଥ୍, ଆପଣଙ୍କ ସ୍ମାର୍ଟଫୋନ୍ ଡାଟା, ୱାଇଫାଇ ଜରିଆରେ ହିଁ ଲକ୍ କାମ କରିବ । ଯଦିବା ମାଲିକ ଘରେ ନାହାନ୍ତି, ଘର ଠାରୁ ଦୂରରେ ରହି ମଧ୍ୟ ସେ ଘରର

ଲକ୍‌କୁ ଖୋଲିପାରିବେ । କେହି ଅତିଥି, ବନ୍ଧୁବାନ୍ଧବ ଆସିଲେ ଘରେ ନ ରହି ମଧ୍ୟ ମାଲିକ ଏଇ ସ୍ମାର୍ଟ ଲକ୍ ଜରିଆରେ ସେମାନଙ୍କୁ ଘରେ ପ୍ରବେଶ କରାଇପାରିବେ । ଅଜଣା ଲୋକ ଆପଣଙ୍କ ଘରର କବାଟ, ଝରକାକୁ ସ୍ପର୍ଶ କଲେ ତୁରନ୍ତ ସ୍ମାର୍ଟଫୋନ୍‌କୁ ବାର୍ତ୍ତା ମଧ୍ୟ ଯିବ । ବିଭିନ୍ନ ଡିଜାଇନର ଏଇ ସ୍ମାର୍ଟ ଲକ୍ ଥିବାବେଳେ ୧୧ ହଜାର ଟଙ୍କାରୁ ୫୫ ହଜାର ଟଙ୍କା ପର୍ଯ୍ୟନ୍ତ ଏହାର ମୂଲ୍ୟ ରହିଛି ।

ଗୋଲମରିଚର ଉ□ମ ପ୍ରଭାବ

ବିଭିନ୍ନ ପ୍ରକାର ଭାରତୀୟ ବ୍ୟଞ୍ଜନ ଓ ସକାଳର ଗରମ ଗୋଲମରିଚ ଚା' ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ । ପ୍ରାଚୀନ କାଳରେ ବଇଦମାନେ ଗୋଲମରିଚର ଉପଯୋଗ ଔଷଧରେ କରୁଥିଲେ । ସ୍ୱାସ୍ଥ୍ୟ ପାଇଁ ହିତକାରୀ ଏଇ ଗୋଲମୋରିଚକୁ ଗୁଣ୍ଡ କରି ନିୟମିତ ସେବନ କଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢେ ।

- ପ୍ରତ୍ୟେକ ଋତୁରେ ସକାଳବେଳା ଗୋଲମରିଚ ଚା' ପିଇବାର ଅଭ୍ୟାସ କରନ୍ତୁ । ଚିମୁଟାଏ ଗୋଲମରିଚ ଗୁଣ୍ଡ ଚା'ରେ ମିଶାଇଲେ ତାହା ଆମ ପାଚନ ତନ୍ତ୍ରକୁ ଶକ୍ତି ଯୋଗାଉଥିବାର ଖାଦ୍ୟ ବିଶେଷଜ୍ଞଙ୍କ ମତ ।
- ଅମ୍ଳ ରୋଗୀ ପ୍ରତ୍ୟହ ଲେମ୍ବୁ ପାଣିରେ ଗୋଲମରିଚ ଗୁଣ୍ଡ ଅଧ ଚାମଚ ମିଶାଇ ପିଇଲେ ସେମାନଙ୍କୁ ଶୀଘ୍ର ଉପଶମ ମିଳେ ।
- ଗୋଲମରିଚରେ ମହଜୁଦ୍ ପେପ୍‌ରାଇନ୍ ତତ୍ତ୍ୱ କାରଣରୁ ମାନସିକ ଚାପ ମଧ୍ୟ କମ୍ ହେଉଥିବାର ଜଣାପଡିଛି । ନିୟମିତ ଗୋଲମରିଚ ଚା' ସେବନ କଲେ ଏହାର ପ୍ରଭାବ ଜାଣିପାରିବେ ।

- ଭିଟାମିନ୍ ସି, ଏ, ଫ୍ଲାବୋନଏଡ୍, ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ଥିବା କାରଣରୁ କର୍କଟରୋଗ ପ୍ରତିରୋଧୀ ଭାବେ ମଧ୍ୟ ଗୋଲମରିଚ କାମ କରିଥାଏ ।
- ଦୈନିକ ସକାଳବେଳା ନଖ ଉଷୁମ ପାଣିରେ ଚିମୁଟାଏ ଗୋଲମରିଚ ମିଶାଇ ପିଇଲେ ଓଜନ ମଧ୍ୟ ନିୟନ୍ତ୍ରଣରେ ରହେ ।

୭.୪୫ ମିଟର ଲମ୍ବର ଜୋତା

ମେକ୍ସିକୋନିବାସୀ ମୁନିସିପୋ ଡେ ସହୁୟୋ, ବିଶ୍ୱର ସବୁଠୁ ବଡ ଜୋତା ତିଆରି କରି ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି । ପାରମ୍ପରିକ ମେକ୍ସିକୋ ସ୍ୟାଣ୍ଡେଲ୍ ତିଆରି କରିବା ନିମନ୍ତେ ତାଙ୍କୁ ୪୧ ଦିନ ସମୟ ଲାଗିଥିବାବେଳେ ଏହି କାମରେ ମୋଟ୍ ୫ଜଣ ଲୋକ ସାମିଲ ହୋଇଥିଲେ । ବାରମ୍ବାର ଅନୁଧ୍ୟାନ କରିବା ପରେ ମୁନିସିପୋ ଏହି ଜୋତା ତିଆରି କାମ କରିଥିଲେ । ସାକ୍ଷାତକାର୍‌ରେ ସେ କହିଛନ୍ତି ରେକର୍ଡ ଲକ୍ଷ୍ୟରେ ହିଁ ସେ ଏଥିରେ ମନ ଦେଇଥିଲେ । ୮୦ ବର୍ଗ ମିଟର ଚମଡା ବ୍ୟବହୃତ ହୋଇଥିବାବେଳେ ୫ ଲକ୍ଷ ଟଙ୍କା ଜୋତା ତିଆରିରେ ଖର୍ଚ୍ଚ ହୋଇଥିଲା । ଗିନିଜ୍ ବୁକ୍‌ରେ ସ୍ଥାନ ପାଇବା ପରେ ତାଙ୍କ ପରିଶ୍ରମର ମୂଲ୍ୟ ମିଳିସାରିଛି ବୋଲି ସେ କହିଛନ୍ତି । ଜୋତାର ଲମ୍ବ ୭.୪୫ ମିଟର, ଚଉଡା ୩.୦୯ ମିଟର ।

କାର୍ ଡୋର୍ ସତର୍କ କରାଇବ

ଇଉରୋପୀୟ ଗବେଷକଦଳ ଉନ୍ନତମାନର କାର୍ ଡିଜାଇନ୍ କରିଛନ୍ତି । ଏହା ସହାୟତାରେ ଯାତ୍ରୀଙ୍କୁ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ସୁବିଧା ମିଳିବ । ଯେପରି କାର୍ ଡୋର୍ ଖୋଲି ଆପଣ ଲାଗିଥିବା ସେନ୍‌ସର୍ ସତର୍କ କରାଇବ । ପଛରୁ କେହି ଆସୁଥିଲେ, କାର୍ ଝରକା କାଚର ରଙ୍ଗ ପରିବର୍ତ୍ତନ ହେବା ସହ ବାରମ୍ବାର ସଙ୍କେତ ଦେବ । କୌଣସି ପ୍ରକାର କୀଟ କାର୍‌ରେ ଲାଗିଲେ, ତାହା ମଧ୍ୟ ସେନ୍‌ସର୍ ସହାୟତାରେ ଯାତ୍ରୀ ଜାଣିପାରିବେ । ଏହା ସହ ୨୦୦ ମିଟର ବ୍ୟବଧାନରେ ଅନ୍ୟ ଗାଡି ଦ୍ରୁତ ବେଗରେ ଆସୁଥିଲେ, ସେ ବାବଦରେ ମଧ୍ୟ କାର୍‌ର ସେନ୍‌ସର୍ ସଙ୍କେତ ଦେଇଥାଏ । ନିକଟରେ ଜର୍ମାନୀରେ ଆୟୋଜିତ ଏକ ପ୍ରଦର୍ଶନୀୟ ଏହି ବିଶେଷ ଡିଜାଇନର୍ କାର୍ ପ୍ରଦର୍ଶିତ କରାଯାଇଥିଲା । ଖୁବ୍ ଶୀଘ୍ର ଏହି କାର୍ ବଜାର ପ୍ରବେଶ କରିବ ବୋଲି ଅନୁମାନ କରାଯାଉଛି ।

ତ୍ୱଚା ଭାଙ୍ଗରୁ ବ□ିବାକୁ ଚାହୁଁଥିଲେ...

୩୦ ବର୍ଷ ବୟସ ଅତିକ୍ରାନ୍ତ ହେବା ପରେ ଉଭୟ ମହିଳା ଓ ପୁରୁଷଙ୍କ ତ୍ୱଚାରେ ଅନେକ ପରିବର୍ତ୍ତନ ହୋଇଥାଏ । ତ୍ୱଚା ଭାଙ୍ଗ ପଡିବା, ମଳିନ ଦେଖାଯିବା, କେଶ ଅଧିକ ପରିମାଣରେ ଝଡିବା ଇତ୍ୟାଦି ମୁଖ୍ୟ ସମସ୍ୟା । ତ୍ୱଚା ଭାଙ୍ଗ ପଡିଲେ ମୁହଁ ଅସୁନ୍ଦର ଦେଖାଯିବା ସହ ବୟସର ଛାପ ସ୍ପଷ୍ଟ ବାରିହୁଏ । ଏଥିରୁ ରକ୍ଷା ପାଇବାକୁ ଚାହୁଁଥିଲେ, କେତୋଟି ସରଳ ଘରୋଇ ଉପଚାର କରନ୍ତୁ ।

- ପ୍ରମଥ କାମ ହେଲା, ଖାଦ୍ୟପାନୀୟ ବାବଦରେ ସଚେତନ ହେବା ସହ ଆଣ୍ଟି-ଅକ୍ସିଡାଣ୍ଟ ଓ ପ୍ରୋଟିନ୍ ଭରପୂର ଖାଦ୍ୟ ନିଜ ଭଜନରେ ସାମିଲ କରନ୍ତୁ । ଫଳ ରସ ସପ୍ତାହକୁ ୨-୩ ଥର ପିଇବା ସହ ସବୁଜ ପନିପରିବା ବ୍ୟଞ୍ଜନ ଖାଇବା ହିତକାରୀ ।
- ଅନ୍ୟ ଏକ ଉତ୍ତମ ପାନୀୟ ହେଉଛି ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଶୁଦ୍ଧ ନଡିଆତେଲ ତ୍ୱଚାରେ ମାଲିସ୍ କରନ୍ତୁ । ପୂରା ରାତି ଏହି ତେଲ ତ୍ୱଚାରେ ରହିବା ପରେ ସକାଳୁ ଉଠି ଥଣ୍ଡା ପାଣିରେ ମୁହଁ ଧୋଇନେବେ । ନିୟମିତ ଏଇ ଉପାୟ କଲେ ତ୍ୱଚା ଭାଙ୍ଗ ସମସ୍ୟା ଦୂର ହେଉଥିବାର ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତ ।
- ନଡିଆ ତେଲରେ ଅଳ୍ପ ପରିମାଣରେ ହମ୍ବୁ ମିଶାଇ ମଧ୍ୟ ତ୍ୱଚାରେ ଲଗାଇ ପାରିବେ । ୧୦-୧୨ ମିନିଟ୍ ପରେ ନଖଉଷୁମ ପାଣିରେ ତ୍ୱଚା ଧୋଇନେବେ ।
- ବୁଟ ଡାଲି ଓ ଦହିକୁ ମିଶାଇ ପ୍ୟାକ୍ ଭଳି ତ୍ୱଚାରେ ଲଗାନ୍ତୁ । ଦୈନିକ ସ୍ନାନ ପୂର୍ବରୁ ଏହି ପ୍ୟାକ୍ ତ୍ୱଚାରେ ଲଗାଇଲେ ଲାଭ ମିଳେ ।
- ଲେମ୍ବୁରେ ଥିବା ତତ୍ତ୍ୱ ମଧ୍ୟ ତ୍ୱଚା ଉପରେ ଉତ୍ତମ ପ୍ରଭାବ ପକାଇଥାଏ । ଏହି ରସକୁ ମୁହଁ, ହାତ, ଗୋଡରେ ଲଗାଇ ୧୫

ମିନିଟ୍ ପରେ ଧୋଇନିଅନ୍ତୁ ।
- ଯେ କୌଣସି ତ୍ୱଚା ଚର୍ଚ୍ଚା କରିବା ପରେ ତୁରନ୍ତ ଖରାକୁ ଯାଆନ୍ତୁ ନାହିଁ । ଏହା ସହ ପ୍ରଚୁର ପରିମାଣରେ ପାଣି ପିଇବା ମଧ୍ୟ ତ୍ୱଚା ନିମନ୍ତେ ଉତ୍ତମ ଖୋରାକ୍ ।

ଦମ୍ପତି ତିଆରି କଲେ ଭାସମାନ ଘର

କାନାଡାର ଭାନ୍‌କୋଭର ସହରରେ ପାଣିରେ ଭାସୁଥିବା ଘର ତିଆରି କରାଯାଇଛି । ଏହି ଭାସମାନ ଘରେ କ୍ୟାଥେରିନ୍ କିଙ୍ଗ୍ ଏବଂ ତାଙ୍କ ସ୍ୱାମୀ ଓ୍ୱେନ୍ ଆଡମ୍ ବାସ କରନ୍ତି । ୭୧ ବର୍ଷୀୟ ଆଡମ୍ ୧୯୯୧ ରେ ଏହି ଘରକୁ ନିର୍ମାଣ କରିବା ଆରମ୍ଭ କରିଥିଲେ । ୧୨ଟି ଫ୍ଲୋଟିଂ ପ୍ଲାଟଫର୍ମକୁ ମିଶାଇ ତିଆରି ହୋଇଥିବା ଏହି ଘରଟିରେ ସୋଲାର ଏନର୍ଜୀ ସିଷ୍ଟମ୍ ମଧ୍ୟ



ରହିଛି । ଦମ୍ପତି ଜଣକ ଏହି ଘରକୁ ବନାଇବା ଲାଗି ୨.୪୦ ଲକ୍ଷ ପାର୍ଟ୍ସ ବ୍ୟବହାର କରିଥିବା କହିଛନ୍ତି । ଏଥି ମଧ୍ୟରୁ ଅଧିକାଂଶ ପାର୍ଟ୍ସ ରିସାଇକଲ ହୋଇଥିବା ଯନ୍ତ୍ରାଂଶ ଅଟେ । ଝଡ ତୋଫାନ ଆସିବା ପରେ ଯଦି ଘରଟିର କିଛି ତ୍ରୁଟି ଆସେ ତେବେ ସଙ୍ଗେ ସଙ୍ଗେ ଏହାକୁ ସଜାଡି ଦେଉଥିବା କହନ୍ତି ଆଡମ୍ । ଏହି ଘରଟିର ସୁନ୍ଦରତାକୁ ବଜାୟ ରଖିବା ପାଇଁ ଆଡମ୍ ସର୍ବଦା ଏଥିରେ କିଛି ନା କିଛି କାମ କରିଥାନ୍ତି । କ୍ୟାଥେରିନ୍ ପେସାରେ ଜଣେ ଡାନ୍ସର୍ ଥିବା ବେଳେ ଆଡମ୍ ଜଣେ ପ୍ରଫେସ୍ନାଲ ଆର୍ଟିଷ୍ଟ ଅଟନ୍ତି ।

ମାନସିକ ଚାପକୁ କମ୍ କରେ ସକାଳ ଜଳଖିଆ

ସୁନ୍ଦରୀ କନୀନା କପୁର ଖାନ୍‌ଙ୍କ ଖାଦ୍ୟ ବିଶେଷଜ୍ଞ ଭାବେ ରୁଜୁତା ଦିଓ୍ୱେକର୍‌ଙ୍କ ଲେକପ୍ରିୟତା ଏବେ ଶୀର୍ଷରେ ଅଛି । ସୋସିଆଲ ସାଇଟ୍ ଜରିଆରେ ସେ ସମସ୍ତ ବର୍ଗର ଲୋକଙ୍କୁ ବରାବର ପରାମର୍ଶ ଦେଇଥାନ୍ତି । ନିକଟରେ ସେ ସକାଳ ଜଳଖିଆର ଆବଶ୍ୟକତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଛନ୍ତି ।

- ସକାଳବେଳାର ପ୍ରଥମ ଭୋଜନକକୁ ରାଜାଙ୍କ ପରି କରିବା ଉଚିତ । କାରଣ ପୂରାଦିନ ଏହି ଖାଦ୍ୟ ହିଁ ଆମ ଶରୀରକୁ ଶକ୍ତି ଯୋଗାଇଥାଏ । ଭିଟାମିନ୍ସ ଓ ମିନେରାଲ୍ସ ଭରପୂର ଜଳଖିଆ ସମସ୍ତ ବର୍ଗର ଲୋକ କରିବା ଜରୁରୀ ।
- ପରଟା, ଉପମା, ଚୁଡା ସନ୍ତୁଳା, ଇଡ୍‌ଲି, ଦୋସା ଇତ୍ୟାଦି ଜଳଖିଆ ଭାବେ ଖାଇପାରିବେ । ଖାଲିପେଟରେ ଚା' ଓ କଫି କିମ୍ବା ଫଳରସ ପିଅନ୍ତୁ ନାହିଁ । ଏହା କାରଣରୁ ଅମ୍ଳ ହେବାର ଭୟ ଥାଏ । ପେଟପୂରା ଜଳଖିଆ ଖାଇବା ପରେ ଆପଣ ଏହି ପାନୀୟ ପିଇପାରିବେ ।
- ସକାଳ ଜଳଖିଆ କଲେ ଦିନମାନ ମୁଣ୍ଡବିନ୍ଧା ସମସ୍ୟା ମଧ୍ୟ ହୁଏନାହିଁ । ଯେଉଁଦିନ ଜଳଖିଆରେ ବିଳମ୍ବ କିମ୍ବା କୌଣସି କାରଣରୁ ଆମେ କରିପାରିନଥାଉ, ସେହିଦିନ ହିଁ ବିଭିନ୍ନ ପ୍ରକାର ଶରୀରିକ ଅସୁସ୍ଥତା ଅନୁଭୂତ ହେଉଥିବାର ଅନେକ ସର୍ବେକ୍ଷଣରେ ପ୍ରକାଶ କରିଛନ୍ତି ।
- ଜଳଖିଆ ପେଟପୂରା କଲେ ଆମ ସ୍ମୃତିଶକ୍ତି ମଧ୍ୟ ବୃଦ୍ଧି ହୁଏ । ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିଲେ, ଏଇ ଅଭ୍ୟାସ ପାଳନ କରିବା ଉଚିତ ବୋଲି ରୁଜୁତା କହିଛନ୍ତି ।

- କାରୀନା ଦୈନିକ ସକାଳ ଜଳଖିଆରେ ଘିଅ ପରଟା ଖାଇଥାନ୍ତି । ଏହା ସ ୍ ସେ ନିଜକୁ ଫିଟ୍ ରଖିଛନ୍ତି । କାରଣ ଯୋଗ, ପ୍ରାଣାୟମର ଅଭ୍ୟାସ ମଧ୍ୟ ସେ ନିୟମିତ କରିବାରେ ଆଦୌ ହେଳା କରନ୍ତି ନାହିଁ ।

ମୁକ୍ତ ବିଶ୍ୱବିଦ୍ୟାଳୟର ପଂଚମ ପ୍ରତିଷ୍ଠା ଦିବସ ସମାରୋହ

ଜ୍ଞାନଯଜ୍ଞ ପାଇଁ ଅନୁକୂଳ ପରିବେଶ ନିର୍ମାଣ ଜରୁରୀ : ରାଜ୍ୟପାଳ

ଭୁବନେଶ୍ୱର,୧୧/୬ (ନି.ପ୍ର): ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ରାଜ୍ୟରେ ଉଚ୍ଚଶିକ୍ଷାର ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି । ସମୟର ଆହ୍ୱାନ ଓ ଆବଶ୍ୟକତା ଅନୁସାରେ ବିଶ୍ୱବିଦ୍ୟାଳୟ ଉପଯୁକ୍ତ ମାର୍ଗ ଆପଣେଇବା ଏକ ଉଲ୍ଲେଖଯୋଗ୍ୟ ଉପଲବ୍ଧି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି । ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁରର ପଂଚମ ପ୍ରତିଷ୍ଠା ଦିବସ ସମାରୋହକୁ ଅନ୍‌ଲାଇନ୍ ଯୋଗେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ତଥା କୁଳାଧିପତି କହିଲେ ଯେ କୌଣସି ସମସ୍ୟାର ସମାଧାନ ନିମନ୍ତେ ବ୍ୟାପକ ସଚେତନତା ଆବଶ୍ୟକ । ଏହି ସଚେତନତା ପ୍ରଜ୍ଞା ଆଧାରିତ ହେବା ସହ ଆଲୋକକୁ ପଥ ଉନ୍ମୁକ୍ତ କରିବା ଦରକାର । ସଂପ୍ରତି ବିଶ୍ୱ ମହାମାରୀ କୋଭିଡ୍‌ର ଭୟାବହତା ପରିପ୍ରେକ୍ଷୀରେ ଏହାର ବିଶେଷ ତାତ୍ପର୍ଯ୍ୟ ରହିଛି । ଜ୍ଞାନଯଜ୍ଞ ପାଇଁ ଅନୁକୂଳ ପରିବେଶ ନିର୍ମାଣ ଉପରେ ରାଜ୍ୟପାଳ ଗୁରୁତ୍ୱ ଆରୋପ କରିଥିଲେ । ଏହି ଅବସରରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ଓ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଂଟାଲ୍ ହେଲଥ୍ ଆଣ୍ଡ ନ୍ୟୁରୋସାଇନ୍ସ, ବେଙ୍ଗାଲୁରୁ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ସହ କୋଭିଡ୍-୧୯ ସମୟରେ କ୍ଷ୍ର'ମନସ୍ତାତ୍ତ୍ୱିକ ସେବା ସଂପର୍କିତ ପ୍ରଶିକ୍ଷଣ ମଡ୍ୟୁଲ୍ ଉନ୍ମୋଚିତ ହୋଇଥିଲା । ରାଜ୍ୟପାଳ ଭିମ୍‌ସାର୍ ସହାୟତାରେ ପ୍ରସ୍ତୁତ 'କୋଭିଡ୍ ଯୁଦ୍ଧଜ୍ଞାନ' ପ୍ରଶିକ୍ଷଣ ମଡ୍ୟୁଲ୍ ଏବଂ 'ପବ୍ଲିକ୍ ଲାଇବ୍ରେରି ଆଣ୍ଡ ଡିଜିଟାଲ୍ ଡିଭାଇଡ୍' ଏବଂ 'ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରୋଫାଇଲ୍ ୨୦୨୦'କୁ ଉନ୍ମୋଚନ କରିଥିଲେ । କୁଳପତି ଡ. ଶ୍ରୀକାନ୍ତ ମହାପାତ୍ର, ନିମ୍ହାନ୍ସ, ବେଙ୍ଗାଲୁରୁର କୁଳସଚିବ ସେକର କେ. ଏବଂ ଭିମ୍‌ସାରର ନିର୍ଦ୍ଦେଶକ ଡ. ଲଳିତ କୁମାର ମେହେର କରୋନାକାଳୀନ ପରିସ୍ଥିତିରେ ବିଶ୍ୱବିଦ୍ୟାଳୟର ଦାୟିତ୍ୱ ଓ କର୍ତବ୍ୟ ସଂପର୍କରେ ଆଲୋଚନା କରିଥିଲେ ।

ରଥଖଳା ହାଲଚାଲ୍ : ପାରାଭାଡି ନିର୍ମାଣ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ, ପାରାଭାଡି ନିର୍ମାଣ ପରେ ହେବ ଖପୁରି ବାଡିଆ

ପାର୍ଶ୍ୱ ଦେବାଦେବୀଙ୍କ ଚିତ୍ର ଓ ରଥରେ ରଙ୍ଗଦେବା କାର୍ଯ୍ୟ ଜାରୀ

ପୁରୀ,୧୧/୬ (ନି.ପ୍ର): ଚଳିତ ମାସ ୨୩ ତାରିଖରେ ଶ୍ରୀଗୁଣ୍ଡିଚା ରଥଯାତ୍ରା । ଚତୁର୍ଦ୍ଧାମୂର୍ତି ସମ୍ପ୍ରତି ଜ୍ୱରରେ ପୀଡ଼ିତ ଅଛନ୍ତି । ରାଜବୈଦ୍ୟଦ୍ୟଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଆୟୁର୍ବେଦ ଉପଚାର ଓଷ ଲାଗି ଜାରୀ ରହିଛି । ଶ୍ରୀ ଜୀଉମାନେ ଜ୍ୱରରୁ ସୁସ୍ଥ ହେବା ପରେ ସଂନ୍ଧ୍ୟା ଦର୍ଶନ ଏବଂ ଏହା ପରେ ଘୋଷଯାତ୍ରା ଅନୁଷ୍ଠିତ ହେବ ରଥରୁଢ଼ ଶ୍ରୀଜୀଉମାନେ ତିନି ରଥରେ ଶ୍ରୀଗୁଣ୍ଡିଚା ମନ୍ଦିର ଓ ମାଉସୀ ମା ମନ୍ଦିର ଅଭିମୁଖେ ଯାତ୍ରା କରିବେ । ନବ ଦିନ ବ୍ୟାପୀ ଏହି ଯାତ୍ରା ଅନୁଷ୍ଠିତ ହେବ । ଏହାକୁ ନେଇ ରଥଖଳାରେ ଜୋରସୋରରେ ଆଗେଇ ଚାଲିଛି ରଥ ନିର୍ମାଣ କାର୍ଯ୍ୟ । ଇତିମଧ୍ୟରେ ରଥ ନିର୍ମାଣ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି । ରଥଖଳାରେ ବିଶ୍ୱକର୍ମା ମହାରଣାମାନେ କାର୍ଯ୍ୟ ଜାରୀ ରଖିଛନ୍ତି । ଭୂଇଁ ଉଠିବା ପରେ ପୋଟଳ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି । ପୋଟଳ ନିର୍ମାଣ ପରେ ପାରାଭାଡ଼ି ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି । ପାରାଭାଡ଼ି ନିର୍ମାଣ କାର୍ଯ୍ୟ ସମ୍ପନ୍ନ ପରେ ଖପୁରୀ ବାଡିଆ ହେବ । ଏହା ଉପରେ କଳସ ସ୍ଥାପନ କରାଯିବ । ସେହିପରି ଦୋଳବେଦୀ କୋଣରେ ଅସ୍ଥାୟୀ କମାର ଶାଳରେ ରଥ ପାଇଁ ବ୍ୟବହୃତ ହେଉଥିବା ବିଭିନ୍ନ କିସମର କଂଟା ପର୍ଯ୍ୟାୟକ୍ରମେ ନିର୍ମାଣ କରି ଯୋଗାଉଛନ୍ତି । ରଥରେ ଚକ, ଅଖ, ଦଣ୍ଡା, ନାହାକା, ପ୍ରଥମଭୂଇଁ, ଦ୍ୱିତୀୟ ଭୂଇଁ ଓ ତୃତୀୟ ଭୂଇଁ ପରେ ପୋଟଳ ନିର୍ମାଣ ପାଇଁ ଏଥିପାଇଁ ମହାରଣାମାନେ ନିର୍ମାଣ କାର୍ଯ୍ୟରେ ବ୍ୟସ୍ତ ରହିଛନ୍ତି । ଚିତ୍ରକର ସେବାୟତମାନେ ରଥରେ ରଙ୍ଗଦେବା କାର୍ଯ୍ୟ ଜାରୀ ରହିଛି । ବିଭିନ୍ନ ପାର୍ଶ୍ୱ ଦେବାଦେବୀଙ୍କ ଚିତ୍ର ଓ କଳାକୃତିରେ ରଙ୍ଗ ଦେବାରେ ନିମଗ୍ନ ରହିଛନ୍ତି ଚିତ୍ରକର ।

କାନ୍ତକବିଙ୍କ ସ୍ମୃତିରକ୍ଷା ପାଇଁ ପଦକ୍ଷେପ ନିଆଯିବ : ପର୍ଯ୍ୟଟନ ମନ୍ତ୍ରୀ

ଭଦ୍ରକ, ୧୧/୬ (ହି.ସ.) - କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ସ୍ମୃତି ରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ସାଂସଦ ମଂଜୁଲତା ମଣ୍ଡଳ ଓ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ସହ ମନ୍ତ୍ରୀ ତିହିଡି ତାଳପଦାସ୍ଥିତ କାନ୍ତକବିଙ୍କ ସ୍ମୃତିପୀଠ ପହଂଚି ସ୍ଥିତି ଅନୁଧ୍ୟାନ କରିଥିଲେ । ସେଠାରେ ଆବଶ୍ୟକ ପାରିପାର୍ଶ୍ୱିକ ବିକାଶ, ଭଦ୍ରକ ବାଇପାସଠାରେ ପାର୍କ ସହ କାନ୍ତକବିଙ୍କ ପ୍ରତିମୂର୍ତି ସ୍ଥାପନ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ଭଦ୍ରକ ବାଇପାସଠାରେ ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ ମନ୍ତ୍ରୀଙ୍କ ସହ ଭେଟି ଆଲୋଚନା କରିଥିଲେ । କିଭଳି ବାଇପାସଠାରେ ଉକ୍ତ ପ୍ରତିମୂର୍ତି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ ସେଥିପାଇଁ ଏକ ସ୍ଥପତି ସହ ଆଲୋଚନା କରିଥିଲେ । ଏହି ସମୟରେ ପୌରପାଳିକା, ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ।

କ୍ୱାରେନଟାଇନ୍ ସେଂଟରରେ ଆଖି ବୁଜିଲେ କୋଲକତା ଫେରନ୍ତା

ଭଦ୍ରକ,୧୧/୬ (ହି.ସ.) - ଭଦ୍ରକ ବ୍ଲକ୍ କୋର୍କରା କ୍ୱାରେନଟାଇନ୍ ସେଂଟରରେ କୋଲକତା ଫେରନ୍ତା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସେହି ଗାଁର ରାଧାଶ୍ୟାମ ପାଣି । ସେ ଗତକାଲି ରାତିରେ ଟ୍ରେନ୍ ଯୋଗେ କୋଲକାତାରୁ ଫେରିଥିଲେ । ଉକ୍ତ ସମୟରେ ସେ ସୁସ୍ଥ ଥିବା ବେଳେ ନିଜ ପରିବାର ଲୋକଙ୍କ ସହ କଥା ହୋଇଥିଲେ । ଏହାପରେ ରାତିରେ ପଂଚାୟତରେ ହୋଇଥିବା କ୍ୱାରେନଟାଇନ୍ ସେଂଟରରେ ତାଙ୍କୁ ରଖାଯାଇଥିଲା । ତେବେ ଆଜି ଭୋର୍‌ରୁ ତାଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି । ବାପାଙ୍କର ପୂର୍ବରୁ ଡାଇବେଟିସ୍ ଥିବାବେଳେ ଗତକାଲି ସେ ସଂପୂର୍ଣ୍ଣ ସୁସ୍ଥ ଥିଲେ ବୋଲି କହିଛନ୍ତି ରାଧାଶ୍ୟାମଙ୍କ ପୁଅ ମାନସ କୁମାର ପାଣି । ଘଟଣାସ୍ଥଳରେ ପୁଲିସ୍ ଓ ମେଡିକାଲ ଟିମ୍ ପହଂଚି ନଥିବାବେଳେ କ୍ୱାରେନାଇନ୍ ଗାଇଡ୍‌ଲାଇନ୍ ଅନୁଯାୟୀ ମୃତକଙ୍କ ଶବ ସତ୍କାର କରାଯିବ ବୋଲି କହିଛନ୍ତି ନୋଡାଲ ଅଫିସର ଅଭୟ ଲେଙ୍କା ।

ସର୍ପାଘାତରେ ବୃଦ୍ଧ ମୃତ

ଭୁବନ,୧୧/୬ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ଭୂଷଳ ପଂଚାୟତ ଚଣ୍ଡିପାଳ ଗ୍ରାମରେ ଗତକାଲି ରାତି ସର୍ପାଘାତରେ ଶ୍ରୀଧର ବେହେରା (୫୮) ନାମକ ଜଣେ ବୃଦ୍ଧ ଙ୍କର ମୃତ୍ୟୁ ହୋଇଛି । ସେ କଲିକତାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । କରୋନା ଜନିତ ଲକଡାଉନ ଘୋଷଣା ପରେ ସେ ୩ ମାସ ହେଲା ଗ୍ରାମକୁ ଫେରିଥିଲେ । ଗତକାଲି ରାତି ଖିଆପିଆ ସାରି ଶୋଇବାକୁ ଯିବା ବେଳେ ସର୍ପାଘାତର ଶିକାର ହୋଇଥିଲେ । ଗ୍ରାମବାସୀଙ୍କ ସହଯୋଗରେ ତାଙ୍କୁ ଭୁବନ ଡାକ୍ତରଖାନା ଅଣାଯାଇଥିଲା କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସ୍ୱର୍ଗତ ଶ୍ରୀଧର ପରିବାର ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତି ଥିଲେ । ତାଙ୍କର ପୁଅ ନଥିବା ବେଳେ ୩ ଝିଅ ମଧ୍ୟରୁ ଜଣେ ବିବାହ କରିଥିବା ବେଳେ ଅନ୍ୟ ଦୁଇଜଣ ଅବିବାହିତା ଅଛନ୍ତି । ତେଣୁ ବେସାହାରା ପରିବାରକୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହୋଇଛି ।

ବାଘକୁ ନେଇ କୁକୁଆ ଭୟ, ସନ୍ଧ୍ୟା ପୂର୍ବରୁ ତାଟି କବାଟ ବନ୍ଦ

ବାରିପଦା,୧୧/୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ଅଧୀନ ଗୋବିନ୍ଦପୁର ଗ୍ରାମସହିତ ଆଖପାଖ ଗ୍ରାମଗୁଡ଼ିକରେ ବାଘକୁ ନେଇ କୁକୁଆ ଭୟ ଖେଳାଇଯାଇଛି । ଶିମିଳିପାଳ ଅଭୟାରଣ୍ୟ ଭିତରୁ ଏକ କଲରାପତରିଆ ବାଘ କୌଣସି କାରଣରୁ ଜନବସତି ମୁହାଁ ହୋଇଥିଲା । ଗତ ଜୁନ ୯ ସନ୍ଧ୍ୟା ସମୟରେ ଗୋବିନ୍ଦପୁର ଗ୍ରାମର ବାହାଦୂର ସିଂ ଗ୍ରାମ ମୁଣ୍ଡ ଜଙ୍ଗଲ ରାସ୍ତାରେ ଯାଉଥିବା ବେଳେ ଏକ କଲରାପତରିଆ ବାଘ ଘୁରି ବୁଲୁଥିବାର ଦେଖିବାକୁ ପାଇ ଭୟଭିତ ହୋଇ ଗ୍ରାମଭିତରକୁ ଦୌଡ଼ି ଜନସାଧାରଣଙ୍କୁ ଖବର ଦେଇଥିଲା । ବାହାଦୂର ନିକଟରୁ ବାଘ ଆସିଥିବାର ଖବର ଶୁଣି କେତେକ ଗ୍ରାମବାସୀ ନିଜ ନିଜ ଘରର ତାଟି କବାଟ ବନ୍ଦ କରିଦେଇଥିବା ବେଳେ କେତେକ ଯୁବକ ଲାଇଟ ଆଦି ଧରି ବାଘକୁ ଖୋଜିବାରେ ଲାଗିଥିଲେ । ଏହି ସମୟରେ ମାଟିରେ ବାଘର ପାଦ ଚିହ୍ନ ପଡ଼ିଥିବାର ଦେଖି ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ । ବନ କର୍ମଚାରୀମାନେ ପହଁଚି ଚାରି ଆଡ଼େ ଖୋଜାଖୋଜି କରିଥିଲେ ମଧ୍ୟ ବାଘର କୌଣସି ସନ୍ଧାନ ପାଇନଥିଲେ । ଏବିଷୟରେ ଅବୈତନିକ ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ଏହା ନୂଆ ଘଟଣା ନୁହେଁ । ବିଭିନ୍ନ ସମୟରେ ଜଙ୍ଗଲ ଭିତରୁ ବାଘ ବାହାରକୁ ପଳାଇ ଆସିଥିବାର ଅନେକ ନଜିର ରହିଛି । ଖାଦ୍ୟ ଅନ୍ୱେଷଣରେ ଶିମିଳିପାଳ ପାଦ ଦେଶରେ ରହିଥିବା ଜଙ୍ଗଲ ଭିତର ଦେଇ ପଳାଇ ଆସିଥାନ୍ତି । ଗୋବିନ୍ଦପୁରରେ ଯେଉଁ ପାଦ ଚିହ୍ନ ଦେଖିବାକୁ ମିଳିଥିଲା, ତାହା କଲରାପତରିଆ ବାଘର ପାଦ ଚିହ୍ନ ଥିଲା । ବାଘଟି ଶିମିଳିପାଳ ଅଭୟାରଣ୍ୟ ଭିତରକୁ ଫେରିଯାଇଛି ବୁଲି ଶ୍ରୀଆଚାର୍ଯ୍ୟ ପ୍ରକାଶ କରିଛନ୍ତି । ତେବେ ବାଘକୁ ନେଇ ଗୋବିନ୍ଦପୁର ଓ ପାଖଆଖ ଗ୍ରାମରେ ଜନସାଧାରଣ ଭୟଭିତ ଅବସ୍ଥାରେ ରହିଥିବା ବେଳେ ସନ୍ଧ୍ୟା ନଇଁ ଆସିଲେ ଘରୁ ପଦାକୁ ବାହାରିବା ନିମନ୍ତେ ସାହସ ଜୁଟାଇ ପାରୁ ନାହାନ୍ତି ।

କୋର୍ଟରେ ମାମଲା , ଲକ୍‌ଡାଉନ୍‌ବେଳେ ବିବାଦୀୟ ସ୍ଥାନରେ ଗୃହ ନିର୍ମାଣ : ନିରବଦ୍ରଷ୍ଟା ପୁଲିସ୍

ଜଳେଶ୍ୱର,୧୧/୬ (ନି.ପ୍ର): କୋର୍ଟରେ ମାମଲା ବିଚାରାଧିନ ଥିବା ବେଳେ ଏବଂ କରୋନା ଭୟବହତା ଓ ଲକ୍‌ଡାଉନ୍ ସମୟରେ ଏକ ବିବାଦୀୟ ସ୍ଥାନରେ ଜବରଦସ୍ତ ଗୃହ ନିର୍ମାଣ ହୋଇ ଥିବା ସଂପର୍କରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି । କମର୍ଦ୍ଦା ଥାନା ଅନ୍ତର୍ଗତ ସିଆଁରୋଇ ଗାଁର ଗୌରାଙ୍ଗ ରାଜ ଦୂର ସ୍ଥାନରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ପ୍ରତିପକ୍ଷ ବ୍ୟକ୍ତିମାନେ ତାଙ୍କ ସତ୍ୱକୁ ଅନଧିକାରଭାବେ ଦଖଲ କରିଛନ୍ତି । ଏ ସଂପର୍କରେ କୋର୍ଟରେ ମାମଲା ଥିବା ଏବଂ କମର୍ଦ୍ଦ ଥାନାରେ ୨ଟି ମାମଲା ଥିବା ସତ୍ତ୍ୱେ ମଂଟୁ ରାଜ, ଶ୍ରୀକାନ୍ତ ରାଜ, ରାମଚନ୍ଦ୍ର ରାଜ, ରବିନ୍ଦ୍ର ରାଜ, ତପନ ପାତ୍ର ଓ ଅନ୍ୟାନ୍ୟମାନେ ଗୌରାଂଙ୍କୁ ତାଙ୍କ ସତ୍ୱରୁ ବଂଚିତ କରି ଜବରଦସ୍ତ ଘର କରିଥିବାର ଗୌରାଂଙ୍ଗ ରାଜ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି । ପ୍ରତିପକ୍ଷ ତାଙ୍କୁ ମାରିଦେବାର ଧମକ୍ ଦେଉଥିବାରୁ ସେ ଘରକୁ ନ ଆସି ବାହାରେ ଲୁଚି ରହୁଛନ୍ତି । କର୍ତ୍ତୃପକ୍ଷ ତାଙ୍କୁ ନ୍ୟାୟ ଦେବାକୁ ସେ ନିବେଦନ କରିଛନ୍ତି ।

ଜଗତସିଂହପୁରର ୩୩ ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରେ ୧୮ ଜଣ ଗୁଜରାତ ଫେରନ୍ତା

ଭୁବନେଶ୍ୱର,୧୧/୬ (ନି.ପ୍ର): ଜଗତସିଂହପୁରର ୩୩ ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରେ ୧୮ ଜଣ ଗୁଜରାତ ଫେରନ୍ତା ରହିଛନ୍ତି । ସେହିପରି ୭ ଜଣ ମହାରାଷ୍ଟ୍ର ଫେରନ୍ତା ହୋଇଥିବା ବେଳେ ୫ ଜଣ ପଶ୍ଚିମ ବଙ୍ଗ ଫେରନ୍ତା ଅଛନ୍ତି । ୨ ଜଣ ତାମିଲନାଡୁରୁ ଫେରିଥିବା ବେଳେ ଜଣେ ଦିଲ୍ଲୀରୁ ଫେରିଥିଲେ ବୋଲି ଜଗତସିଂହପୁର ଜିଲ୍ଲାପାଳ ଟ୍ୱିଟ କରି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଆକ୍ରାନ୍ତଙ୍କ ମଧ୍ୟରେ ନୂଆଗାଁ ବ୍ଲକର ସବୁଠାରୁ ଅଧିକ ୧୮ ଜଣ ଥିବା ବେଳେ ଜଗତସିଂହପୁର ବ୍ଲକର ୮ ଜଣ, କୁଜଙ୍ଗ ବ୍ଲକର ୩ ଜଣ, ରଘୁନାଥପୁର ଓ ତିର୍ତୋଲ ବ୍ଲକର ୨-୨ ଜଣ ରହିଛନ୍ତି । ଏମାନଙ୍କୁ ପାରାଦୀପ ସ୍ଥିତ କୋବିଡ ହସପିଟାଲରେ ଭର୍ତ୍ତି କରା ଯାଇଥିବା ସେ ପ୍ରକାଶ କରିଛନ୍ତି ।

ରାସ୍ତା ବିବାଦକୁ ନେଇ ହତ୍ୟାକାଣ୍ଡ

ଜୟପୁର, ୧୦ ଜୁନ (ହି.ସ)- ରାସ୍ତା ବିବାଦକୁ ନେଇ ଜୟପୁରର ସୁନାରୀ ସାହି ନିକଟରେ ଘଟିଛି ହତ୍ୟାକାଣ୍ଡ । ସାହି ପଡ଼ିଶା ଭିତରେ ଝିମିଟି ଖେଳରୁ ମହାଭାରତ ଭଳି ଘର ସମ୍ମୁଖର ଜାଗା ଓ ରାସ୍ତାକୁ ନେଇ ହତ୍ୟାକାଣ୍ଡ ଘଟିଛି । ଜୟପୁର ସୁନାରୀ ସାହିରେ ଭବାନୀ ପ୍ରସାଦ ରଥ ଓ ଗୋବିନ୍ଦ ଦାସଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଉତ୍ୟକ୍ତ ହୋଇ ଗୋବିନ୍ଦ ଏକ ଛୁରୀ ଦ୍ୱାରା ଭବାନୀଙ୍କୁ ବାରମ୍ବାର ପେଟରେ ଆଘାତ କରିଥିଲେ । ଫଳରେ ତାଙ୍କର ପ୍ରବଳ ରକ୍ତସ୍ରାବ ହୋଇଥିଲା । ଭବାନୀଙ୍କୁ ପ୍ରଥମେ ଜୟପୁର ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ଏବଂ ସେଠାରେ ତାଙ୍କର ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କୋରାପୁଟସ୍ଥିତ ମେଡ଼ିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଡାକ୍ତର ଭବାନୀଙ୍କୁ ମୃତ ଘୋଷଣା କରିଥିଲେ । ମୃତ ଭବାନିଙ୍କ ବୟସ ୪୦ । ଗୋବିନ୍ଦଙ୍କୁ ଜୟପୁର ଟାଉନ ପୋଲିସ ନେଇ ଅଟକ ରଖିଥିବା ଜଣାପଡ଼ିଛି । ଭବାନୀଙ୍କ ଦୁଇଟି ପୁଅ ଥିବା ବେଳେ ଉକ୍ତ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ଘଟଣାସ୍ଥଳରେ ଟାଉନ ଥାନା ଆଇଆଇସି ବାଲେଶ୍ୱର ଗିଧି ଏବଂ ପୋଲିସ ଟିମ୍ ତଦନ୍ତ କରି ଫେରିଛନ୍ତି ।

ସନାତନ ଗୁରୁ ଭୁବନ ଓକିଲ ସଂଘର ଅଧ୍ୟକ୍ଷ ମନୋନୀତ

ଭୁବନ,୧୧/୬ (ନି.ପ୍ର): ଓଡିଶା ରାଜ୍ୟ ବାର୍ କାଉନସିଲ ର ପରିବର୍ତିତ ନିର୍ଦ୍ଦେଶନାମା କ୍ରମେ ଭୁବନ ଓକିଲ ସଂଘର ପରିଚାଳନା ନିମନ୍ତେ ଏକ ଅନ୍ତରୀଣ କମିଟି ଗଠନ କରାଯାଇଛି । ନିର୍ବାଚନ ଅଧିକାରୀ ଭାସ୍କର ଚନ୍ଦ୍ର ସ୍ୱାଇଁ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଧିବଦ୍ଧ ଭାବେ ଜଣେ ଅନ୍ତରୀଣ ଅଧ୍ୟକ୍ଷ ମନୋନୟନ କରାଯାଇଛି । ସର୍ବସମ୍ମତ କ୍ରମେ ଭୁବନ ଓକିଲ ସଂଘର ପ୍ରତିଷ୍ଠାତା ସଭାପତି ତଥା ବରିଷ୍ଠ ଆଇନଜୀବୀ ଶ୍ରୀଯୁକ୍ତ ସନାତନ ଗୁରୁ ଙ୍କୁ ଅଧ୍ୟକ୍ଷ ଏବଂ କୁଂଜ ବିହାରୀ ଚିନରା ଙ୍କୁ ସମ୍ପାଦକ ଭାବେ ମନୋନୟନ କରାଯାଇଥିଲା । ଆଗାମୀ ନିର୍ବାଚନ ପର୍ଯ୍ୟନ୍ତ ଏହି କମିଟି କାର୍ଯ୍ୟ ତୁଲାଇବ । କରୋନା ଜନିତ ଲକଡାଉନ ନିମନ୍ତେ 'ୱାନ ବାର ୱାନ ଭୋଟ 'ସ୍ଥଗିତ ଥିବାରୁ ଅନ୍ତରୀଣ କମିଟି ଗଠନ କରିବାକୁ ରାଜ୍ୟ ବାର୍ କାଉନସିଲ ନିର୍ଦ୍ଦେଶ ଦେଇଥିବା ନିର୍ବାଚନ ଅଧିକାରୀ ଶ୍ରୀଯୁକ୍ତ ସ୍ୱାଇଁ ଜଣାଇଛନ୍ତି । ନବ ନିର୍ବାଚିତ ଅଧ୍ୟକ୍ଷ ଗୁରୁ ଭୁବନ ଓକିଲ ସଂଘ କୁ ଅଧିକ ଶକ୍ତିଶାଳୀ ଓ ମଜବୁତ କରିବା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିବା ସହିତ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି ।

କଟକରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୨୫୧ ଜଣଙ୍କ ଠାରୁ ଆଦାୟ ହେଲା ଜୋରିମାନା

ଭୁବନେଶ୍ୱର,୧୧/୬ (ନି.ପ୍ର): କଟକରେ ଗତ ୨୪ ଘଂଟା ମଧ୍ୟରେ ୨୫୧ ଜଣଙ୍କ ଠାରୁ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପିଙ୍କ ଦ୍ୱାରା ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି ।

ଲୋକଙ୍କ ମଧ୍ୟରେ ମିଥ୍ୟା ବିବାଦୀୟ ଅପପ୍ରଚାର ରୋକିବାକୁ ସୋସିଆଲ ମିଡିଆର ଆଡମିନଙ୍କୁ ଏସପିଙ୍କ ନିର୍ଦ୍ଦେଶ

କନ୍ଧମାଳ,୧୧/୬ (ନି.ପ୍ର): ସମଗ୍ର ରାଜ୍ୟରେ କରୋନା ସଂକ୍ରମଣର ଦ୍ରୁତ ଗତିରେ ବଢିବାରେ ଲାଗିଛି ସେଥିପାଇଁ ରାଜ୍ୟ ସରକାରଙ୍କ ସମେତ ଜିଲା ପ୍ରଶାସନର ମଧ୍ୟ ଦାୟୀତ୍ୱ ବଢିବାସହିତ ଲୋକଙ୍କ ଭିତରେ ଏହାର ଆତଙ୍କ ବଢିବାରେ ଲାଗିଛି । ଉପରି ସ୍ଥଳେ କିଛି ଦାୟୀତ୍ୱହୀନ ଲୋକଙ୍କ ଦ୍ୱାରା ହ୍ୱାଟସାପ୍,ଫେସବୁକ ଭଳି ଅନ୍ୟାନ୍ୟ ସୋସିଆଲ ମିଡିଆରେ ଅନେକ ସମୟରେ କରୋନା ସଂକ୍ରମଣକୁ ନେଇ ମିଥ୍ୟା ଓ ବିବାଦୀୟ ଖବର ମାନ ପୋଷ୍ଟ କରୁଥିବାରୁ ଲୋକଙ୍କ ମନରେ ଅଯଥା ଭୟ ସୃଷ୍ଟି ହେବା ସହିତ ପ୍ରଶାସନର ମଧ୍ୟ ସହି ସଂକ୍ରାନ୍ତରେ ସମୟର ଅପଚୟ ହେଉଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ଆଜି କନ୍ଧମାଳ ଆରକ୍ଷୀ ଅଧିକ୍ଷକ ପ୍ରତୀକ ଗୀତା ସିଂ ଟ୍ୱିଟର,ଫେସ୍ ବୁକ ଏବଂ ହ୍ୱାଟସାପ୍ ମାଧ୍ୟମରେ ଜିଲାରେ ଥିବା ବିଭିନ୍ନ ହ୍ୱାଟସାପ ଓ ସମସ୍ତ ସୋସିଆଲ ମିଡିଆ ଗ୍ରୁପର ସଦସ୍

କୋଭିଡ଼ ୧୯ ଲକଡାଉନ ପରବର୍ତ୍ତୀ ସମୟରେ ଶିଶୁ ମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ବିଧିବଦ୍ଧ କାର୍ଯ୍ୟପନ୍ଥା

ଭୁବନେଶ୍ୱର,୧୧।୬ (ନି.ପ୍ର): ସାରା ବିଶ୍ୱକୁ କବଳିତ କରିଥିବା କରୋନା ପୀଡ଼ାରେ ଶିଶୁମାନେ ସବୁଠୁ ଅଧିକ ଅସୁରକ୍ଷିତ ହୋଇପଡ଼ିଛନ୍ତି । ଶିଶୁମାନେ ଶିକ୍ଷା ଅଧିକାରରୁ ବଂଚିତ ହୋଇଥିବା ବେଳେ ଲକଡାଉନର ପରବର୍ତୀ ସମୟରେ ବାଲ୍ୟ ବିବାହ, ଶିଶୁ ଚାଲାଣ ଓ ଶିଶୁ ନିର୍ଯ୍ୟାତନା ବଢ଼ିବାର ସମ୍ଭାବନା ରହିଛି । ଶିଶୁ ବିରୋଧି ହିଂସାକୁରୋକିବା ନିମନ୍ତେ ନ୍ୟାସନାଲ ଆକ୍‌ସନ୍ ଆଣ୍ଡ କୋର୍ଡ଼ିନେସନ ଗ୍ରୁପ ଫର ଏଣ୍ଡିଂ ଭାୟୋଲେନ୍ସ ଏଗେନେଷ୍ଟ ଚିଲଡ୍ରେନ ଭାରତ ପକ୍ଷରୁ ଆୟୋଜିତ ଏକ ଭିଡ଼ିଓ ପରାମର୍ଶ ସମ୍ମେଳନରେ କୋଭିଡ଼ ୧୯ ଲକଡାଉନର ପରବର୍ତୀ ସମୟରେ ଶିଶୁ ମାନଙ୍କ ଉପରେ ସମ୍ଭାବ୍ୟ ହିଂସାକୁ ନିରୋଧ କରିବା ନିମେନ୍ତ ଚିନ୍ତା ପ୍ରକଟ କରିବା ସହିତ ଶିଶୁଙ୍କୁ ସୁରକ୍ଷା ଦେବା ପାଇଁ ମିଳିତ ପ୍ରୟାସ ଓ ବିଧିବଦ୍ଧ କାର୍ଯ୍ୟପନ୍ଥାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଛନ୍ତି । ଏନଏସିଜି-ଇଭିଏସିର ଅଧ୍ୟକ୍ଷ ରଂଜନ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭିଡ଼ିଓ କନଫରେନ୍ସ ଜରିଆରେ ଦେଶର ବହୁ ସଂଗଠନର ପ୍ରମୁଖ କାର୍ଯ୍ୟବାର୍ତା ସାମ୍ପ୍ରତିକ ପରିସ୍ଥିତିରେ ଶିଶୁ ସୁରକ୍ଷା ଅଭିଯାନ ତ୍ୱରାନ୍ୱିତ କରିବାକୁ ମତପୋଷଣ କରିଛନ୍ତି । ଏହି ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରି ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନସିପିସିଆର) ର ଅଧ୍ୟକ୍ଷ ପ୍ରିୟଙ୍କ କାନୁନଗୋ କହିଲେ ଯେ, ଯୋଗାଣ କ୍ଷେତ୍ର ଓ ଉତ୍ପାଦନ କ୍ଷେତ୍ରକୁ ଶିଶୁ ଶ୍ରମ ମୁକ୍ତ କରିବା ଅତ୍ୟନ୍ତ ଜରୁରୀ । ସେ ଆହୁରି ମଧ୍ୟ କହିଥିଲେ ଯେ, କୋଭିଡ଼ ୧୯ ଲକଡାଉନ ପରିସ୍ଥିତିରେ ଶିଶୁ ମାନଙ୍କର ହିତ ଉଦ୍ଦେଶ୍ୟରେ ଘରୋଇ ଶିକ୍ଷା ଅନୁଷ୍ଠାନ ଗୁଡ଼ିକ ଯେଉଁ ଅନଲାଇନ ଶିକ୍ଷା ବ୍ୟବସ୍ଥା କରିଛନ୍ତି ତାହାର ପ୍ରଭାବ ସୁଦୂର ପ୍ରସାରି ଓ ଏଥବରେ ମଧ୍ୟ ଶିଶୁ ଶୋଷଣର ଭୟ ମଧ୍ୟ ରହିଛି । ପିଲାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସରକାରୀ ଯୋଜନା ମଧ୍ୟ କୋଭିଡ଼ ୧୯ ଯୋଗୁଁ ଠିକ୍ ରୂପେ କାର୍ଯ୍ୟକାରୀ ହେବାରେ ବାଧାପ୍ରାପ୍ତ ହେଉଛି । ଏହି ସବୁ ଦିଗକୁ ଆଖି ଆଗରେ ରଖି ପଦକ୍ଷେପ ନେବାକୁ ପଡ଼ିବ ବୋଲି ସେ ମତ ବ୍ୟକତ କରିବା ସହ ସମସ୍ତେ ମିଳିତ ଉଦ୍ୟମ କଲେ ଆମେ ପିଲାମାନଙ୍କୁ ଉପଯୁକ୍ତ ସୁରକ୍ଷା ଦେଇ ପାରିବା ବୋଲି କହିଥିଲେ । ଆଲୋଚନା ଚକ୍ରରେ ସାଇଭାକର ମହାନିର୍ଦ୍ଦେଶକ ଡ. ଜିଂଚେନ ଚୋପେଲ କହିଥିଲେ ଯେ, କୋଭିଡ଼ ପରିସ୍ଥିତିରେ ଶିଶୁ ସୁରକ୍ଷା ଆମ ପାଇଁ ବଡ଼ ଆହ୍ୱାନ । ଗତ ଦୁଇ ମାସ ଭିତରେ ଶିଶୁ ନିର୍ଯ୍ୟାତନା ଓ ହିଂସା ବାବଦରେଅନେକ ସମ୍ବାଦ ଆଖି ଆଗକୁ ଆସିଛି । ଶିଶୁ ଚାଲାଣ, ଶିଶୁ ଶ୍ରମ, ବାଲ୍ୟ ବିବାହ ଏବଂ ହିଂସା ଦମନ ଲାଗି ମିଳିତ ଆଭିମୁଖ୍ୟ ନେଇ ଆଗେଇବାକୁ ସେ ସବୁ ସଂଗଠନକୁ ପରାମର୍ଶ ଦେଇଥିଲେ । ଏନଏସିଜିର ଉପାଧ୍ୟକ୍ଷ ସଂଜୟ ଗୁପ୍ତା କହିଥିଲେ ଯେ, କୋଭିଡ଼ ଭଳି ଦୁଃସମୟରେ ଉଭୟ ଘରେ ଓ ବାହାରେ ଶିଶୁମାନଙ୍କର ନିରାପତା ବିପନ୍ନ । ରାସ୍ତାକଡ଼ରେ, ଫ୍ଲାଇ ଓଭରରେ ରେଳ ଷ୍ଟେସନରେ ବୁଲୁଥିବା ଶିଶୁ ଏବେ ବସ୍ତିରେ ସଂକୀର୍ଣ୍ଣ ଘରେ ନାନା ପ୍ରକାର ସମସ୍ୟା ଭୋଗୁଛନ୍ତି । ଖାଦ୍ୟ, ଶିକ୍ଷା ସବୁକ୍ଷେତ୍ରରେ ସେମାନେ ସଂକଟ ଦେଇ ଗତି କରୁଛନ୍ତି । ଏ ସବୁ ସମସ୍ୟାର ସମାଧାନର ବାଟ ବାହାର କରିବା ଉପରେ ସେ ମତ ରଖିଥିଲେ । କୋଭିଡ଼-୧୯ କୁ ନେଇ ସୃଷ୍ଟି ହୋଇ ଥିବା ଶିଶୁ ଅଧିକାରର ଉଲ୍ଲଂଘନକୁ ନେଇ ସୃଷ୍ଟି ହୋଇଥିବା ସମସ୍ୟା ଓ ଏହାର ନିରାକରଣକୁ ନେଇ ଏହି ଆଲୋଚନା ଚକ୍ରରେ ବ୍ୟାପକ ଚର୍ଚ୍ଚା ହୋଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଆଇଏସିଆରର ରେଜୀଆ ଇସ୍ମାଇଲ୍, ଏନ.ଏ.ସି.ଜି.-ଇଭାକର ପୂର୍ବତନ ଅଧ୍ୟକ୍ଷ ଆସାମର ଚିରଞ୍ଜିବ କାକୋଟି, ସିଓସିଏଲ ପୂର୍ବତନ ଆବାହକ ଓ ହୋପ ପୁଡୁଚେରୀର ପି ଯୋଶେଫ ଭିକ୍ଟର ରାଜ୍, ୱାର୍ଲଡ଼ ଭିଜନର ରାଷ୍ଟ୍ରୀୟ ଡ଼ଭୋକେସୀର ମୁଖ୍ୟ ମିଖାଏଲ ପ୍ରଧାନ, ଚାଇଲ୍ଡ ଫଣ୍ଡ ଇଣ୍ଡିଆର ଅନୁରାଧା ବିଦ୍ୟାଶଙ୍କର, ଏନଏସିଜିର ଉପାଧ୍ୟକ୍ଷ ଡ. ରୋଷନ କୁମାର, ଆର୍ଟସେକ ଦକ୍ଷିଣ ଏସିଆର ଅଧ୍ୟକ୍ଷ ମାନବେନ୍ଦ୍ର ମଣ୍ଡଳ, ଭାରତୀୟ କିଷାନ ସଂଘ, ଝାରଖଣ୍ଡର ସଂଜୟ ମିଶ୍ର, ଓଏଲଏସର ପ୍ରକାଶ ରଥ, ପିକକର ନିର୍ଦ୍ଦେଶିକା ଅନୁରରାଧା ମହାନ୍ତି ପ୍ରମୁଖ ନିଜର ମତ ବ୍ୟକ୍ତ କରିଥିଲେ । ସେମାନେ ଶିଶୁମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଯଥା ଶିଶୁ ଶ୍ରମ, ବାଲ୍ୟ ବିବାହ, ଅନଲାଇନ ଶୋଷଣ, ମାନସକ ଚାପ, ଘରୋଇ ହିଂସା, ଯୌନ ହିଂସା ଓ ଶୋଷଣ, ଅପପୃଷ୍ଟି ଆଦି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ସେମାନେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଶିଶୁ ଚାଲାଣ ନିରୋଧି ୟୁନିଟ୍ ମିଳିତ ଭାବେ କାର୍ଯ୍ୟ କରିବା, ପ୍ରବାସୀ ଶ୍ରମିକଙ୍କ ପିଲାଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ, ଶିଶୁ ମାନଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟ ସାମଗ୍ରୀ, ସୁରକ୍ଷିତ ଅନଲାଇନ ଶିକ୍ଷା ବ୍ୟବସ୍ଥା କିମ୍ବା କିଛି ବିକଳ୍ପ ବ୍ୟବସ୍ଥା, ଭିନ୍ନକ୍ଷମ ଶିଶୁଙ୍କୁ ସୁରକ୍ଷା, ଗ୍ରାମ୍ୟସ୍ତରରେ ଶିଶୁ ସୁରକ୍ଷା କମିଟି ଗଠନ ଓ ଏହାକୁ ସୁଦୃଢ଼ କରିବା ଇତ୍ୟାଦି ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଆଲୋଚନା ଚକ୍ରରେ ଗୁଜୁରାଟର ପାରୁଲ ସେଠ, ନାଗାଲାଣ୍ଡରୁ ଏ.କେ.କେନି, ଅଜୟ ମହାଜନ, ଉମେଶ ପୁରୋହିତ, ରମାଶଙ୍କର ଶର୍ମା, ଗୌରୀଶଙ୍କର ପଣ୍ଡା, ନିର୍ମଳା ପାଣ୍ଡେ, ଆଦିତି, ଭୂପେନ୍ଦ୍ର ପ୍ରମୁଖ ଅନଲାଇନରେ ଶିଶୁ ଶିକ୍ଷା ନେଇ ଥିବା ସମସ୍ୟା, ଶିଶୁ ହିଂସା, ନିର୍ଯ୍ୟାତନା ଆଦି ପ୍ରସଙ୍ଗରେ ଉଦବେଗ ପ୍ରକାଶ କରିଥିଲେ । ଏହାର ପ୍ରତିକାର ବାଟ ବାହାର କରିବା ଓ ସମ୍ମିଳନୀର ସୁପାରିସ ସରକାରଙ୍କ ନିକଟକୁ ପଠାଇବାକୁ ମତ ରଖିଥିଲେ ।

ଭୁବନେଶ୍ୱରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦୧କୁ ବୃଦ୍ଧି

ଭୁବନେଶ୍ୱର,୧୧।୬ (ନି.ପ୍ର):ରାଜଧାନୀ ଭୁବନେଶ୍ୱରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଗୁରୁବାର ୧୦୦ ଟପିଛି । ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରେ ଗୁରୁବାର ଦିନ ପୁଣି ୨ ଜଣ କରୋନା ପଜିଟିଭ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୧ କୁ ବୃଦ୍ଧି ପାଇଛି । ଏନେଇ ବିଏମସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ଆଜି ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ଆପୋଲୋ ହସ୍ପିଟାଲର ୨୫ ବର୍ଷୀୟ ପୁରୁଷ କର୍ମଚାରୀ ଅଛନ୍ତି । ତାଙ୍କର ଜଣେ ନିକଟ ସଂପର୍କୀୟ ସୁରତ ଫେରନ୍ତା ବୋଲି ସୂଚନା ଦିଆଯାଇଛି । ସେହିପରି ଆଉ ଜଣେ ନୟାପଲ୍ଲୀ ଅଂଚଳରେ ଥିବା ଶ୍ରୀରାମ ବିହାର ଆପାର୍ଟମେଂଟର ୬୭ ବର୍ଷୀୟ ପୁରୁଷ । ସେ ଘରେ ସଙ୍ଗରୋଧରେ ଥିଲେ ବୋଲି ବିଏମସି ପକ୍ଷରୁ କୁହାଯାଇଛି । ବତମାନ ସେମାନଙ୍କର କଂଟାକ୍ଟ ଟ୍ରେସିଙ୍ଗ ଚାଲିଥିବା ବେଳେ ତାଙ୍କ ଘର ପାଖାପାଖି ଅଂଚଳ ସାନିଟାଇଜ କରାଯିବା ସହପଡ଼ୋଶୀଙ୍କୁ କ୍ୱାରେଂଟାଇନରେ ରଖାଯାଇଛି । ଭୁବନେଶ୍ୱରରେ ମୋଟ୍ କରୋନା ପଜିଟିଭ୍ ଚିହ୍ନଟଙ୍କ ସଂଖ୍ୟା ୧୦୧ରେ ପହଂଚିଛି । ସେମାନଙ୍କ ମଧ୍ୟରୁ ୫୫ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ସକ୍ରିୟ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୨ ରହିଛି । ଅପରପକ୍ଷରେ ୩ ଜଣଙ୍କର ମୃତ୍ୟୁ ଘଟିଛି ।

ଅଧିକ ଉଚ୍ଚତା ବିଶିଷ୍ଟ ଓଏଚଇ ବିଦ୍ୟୁତକରଣ ସେକ୍ସନରେ ସଫଳତାପୂର୍ବକ ପ୍ରଥମ ଦୁଇଥାକିଆ ମାଲବାହୀ ଟ୍ରେନ ଚଳାଚଳ

ନୂଆଦିଲ୍ଲୀ,୧୧।୬ (ନି.ପ୍ର): ବିଦ୍ୟୁତକରଣ ହୋଇଥିବା ରେଳଧାରଣାରେ ଅଧିକ ଉଚ୍ଚତା ବିଶିଷ୍ଟ ଓଭର ହେଡ ଉପକରଣ (ଓଏଚଇ)ରେ ସଫଳତା ପୂର୍ବକ ଦୁଇ ଥାକିଆ ମାଲବାହୀ କଂଟେନର ପରିବହନ କରି ଭାରତୀୟ ରେଳବାଇ ଏକ ନୂଆ ବିଶ୍ୱ କିର୍ତୀମାନ ପ୍ରତିଷ୍ଠା କରିଛି । ପଶ୍ଚିମ ରେଳବାଇ କ୍ଷେତ୍ର ଅନ୍ତର୍ଗତ ଏହି ରେଳମାର୍ଗରେ ପ୍ରାୟ ୭.୫୭ ମିଟର ଉଚ୍ଚତାରେ ସମ୍ପର୍କ ବିଦ୍ୟୁତ ତାର ଯାଇଛି । ଏହି ମହତ୍ୱପୂର୍ଣ୍ଣ ଉପଲବ୍ଧି ସମଗ୍ର ବିଶ୍ୱରେ ପ୍ରଥମ । ଏହା ଭାରତୀୟ ରେଳବାଇର ମହତ୍ୱାକାଂକ୍ଷୀ ସବୁଜ ପ୍ରୟାସକୁ ପ୍ରୋତ୍ସାହନ ଦେବ । ଏହି ଉଲ୍ଲେଖନୀୟ ଘଟଣାକ୍ରମ ସହିତ ଭାରତୀୟ ରେଳବାଇ ବିଶ୍ୱର ପ୍ରଥମ ରେଳବାଇ ଭାବେ ସଫଳତା ପୂର୍ବକ ଦୁଇ ଥାକିଆ କଂଟେନର ଟ୍ରେନ ଚଳାଚଳ କରିବାର ସୌଭାଗ୍ୟ ହାସଲ କରିଛି । ଅଧିକ ଉଚ୍ଚତାରେ ବିଦ୍ୟୁତ ତାର ଯାଇଥିବା ଓଏଚଇ ରେଳମାର୍ଗ, ଗୁଜରାଟର ପାଲନପୁର ଏବଂ ବୋତାଡ଼ ଷ୍ଟେସନ ମଧ୍ୟରେ ଏହି ଟ୍ରେନ ୧୦ ଜୁନ, ୨୦୨୦ରେ ସଫଳତା ପୂର୍ବକ ଚଳାଚଳ କରିଥିଲା । ଏଭଳି ପ୍ରୟାସ ମାଲ ପରିବହନ କ୍ଷେତ୍ରରେ ନବୋନ୍ମେଷ, ଗତି ଓ ଅନୁକୂଳନକୁ କାର୍ଯ୍ୟକାରୀ କରିବା ପ୍ରତି ରେଳବାଇର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । କୋଭିଡ ଲକଡାଉନ କାରଣରୁ ହୋଇଥିବା କ୍ଷତି ସତ୍ତ୍ୱେ ରେଳ ମନ୍ତ୍ରଣାଳୟ ଗତବର୍ଷର ମାଲ ପରିବହନ ରେକର୍ଡକୁ ଅତିକ୍ରମ କରିବା ଉପରେ ଗୁରୁତ୍ୱ ଦେଉଛି । ସାରା ଦେଶରେ ବାଧାମୁକ୍ତ ୨୪ ଘଂଟିଆ ମାଲ ପରିବହନ ସେବା ଜରିଆରେ ଭାରତୀୟ ରେଳବାଇ ଏପ୍ରିଲ ପହିଲା ୨୦୨୦ଠାରୁ ୧୦ ଜୁନ ୨୦୨୦ ମଧ୍ୟରେ ୧୭୮.୬୮ ନିୟୁତ ଟନ ସାମଗ୍ରୀ ପରିବହନ କରିଛି । ସାରା ଦେଶରେ ଯୋଗାଣ ଶୃଙ୍ଖଳକୁ କାର୍ଯ୍ୟକ୍ଷମ ରଖିବା ଲାଗି ୨୪.୦୩.୨୦୨୦ରୁ ୧୦.୦୬.୨୦୨୦ ମଧ୍ୟରେ ୩୨.୪୦ ଲକ୍ଷ ୱାଗନ ସାମଗ୍ରୀ ଯୋଗାଣ କରାଯାଇଛି । ଏଥିମଧ୍ୟରୁ ୧୮ ଲକ୍ଷ ୱାଗନରେ ଖାଦ୍ୟଶସ୍ୟ, ଲୁଣ, ଚିନି, କ୍ଷୀର, ଖାଇବା ତେଲ, ପିଆଜ, ଫଳ ଓ ପନିପରିବା, ପେଟ୍ରୋଲିୟମ ଉତ୍ପାଦ, କୋଇଲା ସାର ଆଦି ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ କରାଯାଇଛି । ଏପ୍ରିଲ ପହିଲା ୨୦୨୦ଠାରୁ ୧୦ ଜୁନ ୨୦୨୦ ମଧ୍ୟରେ ରେଳବାଇ ୧୨.୭୪ ନିୟୁତ ଟନ ଖାଦ୍ୟଶସ୍ୟ ଲୋଡ କରିଛି ଯାହାକି ଗତବର୍ଷର ଏହି ଅବଧିରେ ଲୋଡ ହୋଇଥିବା ୬.୭୯ ନିୟୁତ ଟନ ଖାଦ୍ୟଶସ୍ୟ ତୁଳନାରେ ଅଧିକ । ଏହାଛଡ଼ । ୨୨.୦୩.୨୦୨୦ ଠାରୁ ୧୦.୦୬.୨୦୨୦ ମଧ୍ୟରେ ଭାରତୀୟ ରେଳବାଇ ପକ୍ଷରୁ ମୋଟ ୩୮୯୭ ପାର୍ସଲ ଟ୍ରେନ ଚଳାଚଳ କରାଯାଇଥିବା ବେଳେ ଏଥିମଧ୍ୟରୁ ୩୭୯୦ ସମୟସାରଣୀ ଟ୍ରେନ । ଏସବୁ ପାର୍ସଲ ଟ୍ରେନରେ ମୋଟ ୧,୩୯,୧୯୬ ଟନ ସାମଗ୍ରୀ ପରିବହନ କରାଯାଇଛି ।

ଏନ୍.ଆଇ.ଆରଏଫ୍ ରାଙ୍କିଂରେ ଶ୍ରେଷ୍ଠ ୧୦୦ରେ ବି ନାହିଁ ଓଡିଶାର କୌଣସି ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୧୧।୬ (ନି.ପ୍ର): ପ୍ରକାଶ ପାଇଥିବା ଏନ୍.ଆଇ.ଆରଏଫ୍ ରାଙ୍କିଙ୍ଗ ରେ ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ କୌଣସି ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ୧୦୦ଟିରେ ସ୍ଥାନ ପାଇନାହିଁ । ଓଡ଼ିଶାର ବିଶ୍ୱବିଦ୍ୟାଳୟର ବିପର୍ଯ୍ୟସ୍ତ ସ୍ଥିତିର ଏହା ହେଉଛି ପ୍ରତିଫଳନ । ଓଡ଼ିଶାରେ ଥିବା କିଛି ରାଷ୍ଟ୍ରୀୟ ଏବଂ ଘରୋଇ ଶିକ୍ଷାନୁଷ୍ଠାନ ଟପ ୧୦୦ରେ ଥିବା ବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ କୌଣସି ଶିକ୍ଷାନୁଷ୍ଠାନ ଏଥିରେ ସ୍ଥାନ ନପାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ରାଜ୍ୟ ସମ୍ପାଦକ ଶ୍ରୀ ଶଶିକାନ୍ତ ମିଶ୍ର ମତ ପ୍ରକାଶ କରିଛନ୍ତି ।

ଓଡ଼ିଶାର ମୋଟ ୪ଟି ଶିକ୍ଷାନୁଷ୍ଠାନ ଏନ.ଆଇ.ଟି ରାଉରକେଲା (୩୨), ସୋଆ (୩୮), କିଟ ବିଶ୍ୱବିଦ୍ୟାଳୟ (୪୪), ଆଇଆଇଟି ଭୁବନେଶ୍ୱର (୫୬) ଶ୍ରେଷ୍ଠ ୧୦୦ରେ ଅଛନ୍ତି । ଓଡ଼ିଶାରୁ ମାତ୍ର ୨୨ଟି ଶିକ୍ଷାନୁଷ୍ଠାନ ଏଥିରେ ଭିନ୍ନ ଭିନ୍ନ ବର୍ଗ ରେ କିଛି ନା କିଛି ସ୍ଥାନ ପାଇଥିବା ବେଳେ, ରାଜ୍ୟ ବିଶ୍ୱବିଦ୍ୟାଳୟ ବର୍ଗ ରେ ଉତ୍କଳ ବିଶ୍ୱବିଦ୍ୟାଳୟ ୯୬ତମ ସ୍ଥାନରେ ଅଛି । ଆଇଆଇଟି ମାଡ୍ରାସ ଦେଶର ସର୍ବଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବେ ବିବେଚିତ ହୋଇଥିବାବେଳେ, ଏନ.ଆଇ.ଟି ରାଉରକେଲା ଦେଶରେ ୩୨ତମ ସ୍ଥାନ ସହ ଓଡ଼ିଶାର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବେ ବିବେଚିତ ହୋଇଛି । ତେବେ ଏହି ଶୃଙ୍ଖଳା ରେ ମୟୂରଭଞ୍ଜ ଜିଲ୍ଲାର ସୁକୃତି ଡିଗ୍ରୀ କଲେଜ ରାଙ୍କିଙ୍ଗ ପାଇଁ ଆବେଦନ କରିଥିବା ବେଳେ ବିପିୟୁଟି ଭଳି ବିଶ୍ୱାବିଦ୍ୟାଳୟ ଆବେଦନ ନ କରିବା ଘଟଣାକୁ ଏବିଭିପିର ଓଡ଼ିଶାର ରାଜ୍ୟ ସମ୍ପାଦକ ଟେକନିକାଲ ଛାତ୍ର ସଂଯୋଜକ ପ୍ରୀତମ ଦାସ ବୈଷୟିକ ଶିକ୍ଷାର ଦୁର୍ଭାଗ୍ୟ ବୋଲି ଅବିହିତ କରିଛନ୍ତି । ସେଇଭଳି ପରିଷଦର ରାଜ୍ୟ ବିଶ୍ୱବିଦ୍ୟାଳୟ ସଂଯୋଜକ ଏମ.ପି ଜ୍ୟୋତିପ୍ରକାଶ କହିଛନ୍ତି, ବିଶ୍ୱବିଦ୍ୟାଳୟ ଶିକ୍ଷାକୁ ରାଜନୀତି ଏବଂ ଦୁର୍ନୀତିରୁ ମୁକ୍ତ କରି ନୂତନତ୍ୱ ଦେବାର ସମୟ ଆସିଛି । ରାଜ୍ୟ ସରକାର ଏହା ଉପରେ ଆଲୋକପାତ ଯଥାଶୀଘ୍ର କରନ୍ତୁ । ନିୟମିତ ଅନ୍ତରାଳରେ ରେ ବିଶ୍ୱବିଦ୍ୟାଳୟ କର୍ତୃପକ୍ଷଙ୍କର ଏକାଡେମିକ ଅଡିଟ କରିବା ତଥା ଭିତିଭୂମି ବିକାଶ ଏବଂ ପ୍ରଧାପକ ମାନଙ୍କ ପ୍ରଶିକ୍ଷଣ କୁ ଗୁରୁତ୍ୱ ଦେବାର ସମୟ ଆସିଛି ବୋଲି ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର ମତ ଦେଇଛନ୍ତି ।

ଆଦିବାସୀ ହଷ୍ଟେଲ୍ ନିମନ୍ତେ ଆଇ.ଏସ.ଓ ମାନ୍ୟତା ପାଇବାରେ ଓଡ଼ିଶା ଦେଶର ସର୍ବପ୍ରଥମ ରାଜ୍ୟ

- ଓଡ଼ିଶାର ୪୪ଟି ଆଦିବାସୀ ହଷ୍ଟେଲକୁ ଆଇ.ଏସ.ଓ ୯୦୦୧:୨୦୦୫ ମାନ୍ୟତା ପ୍ରଦାନ
- ମିଶନ ସୁବିଦ୍ୟାର ଅଂଶ ଭାବେ ମାନ୍ୟତା ପାଇବା ପରେ ଶିକ୍ଷାର ମାନ ଓ ଗୁଣବତାର ମୂଲ୍ୟାଙ୍କନ
- ପ୍ରଥମ ପର୍ଯ୍ୟାୟରେ କେଉଁଝର ଓ ସମ୍ବଲପୁରର ସମସ୍ତ ହଷ୍ଟେଲର କାର୍ଯ୍ୟଧାରା ସମୀକ୍ଷା

ଭୁବନେଶ୍ୱର,୧୧।୬ (ନି.ପ୍ର): ଓଡ଼ିଶା ସରକାରଙ୍କର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ମିଶନ ସୁବିଦ୍ୟା ଆରମ୍ଭ କରାଯାଇଛି । ରାଜ୍ୟର ସମସ୍ତ ଆଦିବାସୀ ହଷ୍ଟେଲରେ ସମାନ ଧରଣର ଭିତିଭୂମି, ସୁବିଧା ସୁଯୋଗ ଓ ମାନବ ସମ୍ବଳ ସୃଷ୍ଟି ଏହାର ମୁଖ୍ୟ ଉଦ୍ଦେଶ୍ୟ କ୍ୱାଲିଟି କଂଟ୍ରୋଲ ଅଫ୍ ଇଣ୍ଡିଆର ସହାୟତାରେ, ଏସ.ଟି.ଏସ.ସି ଉନ୍ନୟନ ବିଭାଗ ଅନ୍ତର୍ଭୁକ୍ତ ସମସ୍ତ ହଷ୍ଟେଲର ବ୍ୟାପକ ଆକଳନ ଓ ମୂଲ୍ୟାୟନ କରାଯାଇଅଛି । ଆଇ.ଏସ.ଓ ୯୦୦୧:୨୦୧୫ ପ୍ରମାଣପତ୍ର ପ୍ରାପ୍ତି ନିମନ୍ତେ ହଷ୍ଟେଲଗୁଡ଼ିକର ଗୁଣାତ୍ମକ ମାନର ଉନ୍ନତିକରଣ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ କେଉଁଝର ଓ ସମ୍ବଲପୁର ଜିଲ୍ଲାର ସମସ୍ତ ହଷ୍ଟେଲର ମୂଲ୍ୟାଙ୍କନ କାର୍ଯ୍ୟ ହାତକୁ ନିଆଯାଇଥିଲା । କେଉଁଝର ଜିଲ୍ଲାର ୧୫୬ଟି ହଷ୍ଟେଲ ମଧ୍ୟରୁ ୬୦ଟି ହଷ୍ଟେଲକୁ ମନୋନୀତ କରାଯାଇଥିଲା । ସେହିପରି ସମ୍ବଲପୁର ଜିଲ୍ଲାର ୯୦ଟି ହଷ୍ଟେଲ ମଧ୍ୟରୁ ୧୨ଟି ହଷ୍ଟେଲ ମନୋନୀତ ହୋଇଥିଲା । ସମ୍ବଲପୁର ଓ କେଉଁଝର ଜିଲ୍ଲାର ଜିଲ୍ଲାସ୍ତରୀୟ ଟିମ୍‌ର କଠିନ ପରିଶ୍ରମରେ ତିନିମାସ ସମୟ ଅବଧିରେ କ୍ୱାଲିଟି ମାନ୍ୟତା ପାଇବାକୁ ଯୋଗ୍ୟ ବିବେଚିତ ହଷ୍ଟେଲଗୁଡ଼ିକୁ ଚୂଡ଼ାନ୍ତ କରିବା ନିମନ୍ତେ ସମସ୍ତ ଉଦ୍ୟମ କରାଯାଇଥିଲା । ଚଳିତ ବର୍ଷ ମାର୍ଚ୍ଚ ମାସରେ ଲକ୍ ଡାଉନ୍ ପୂର୍ବରୁ ଏହି ମାନ୍ୟତା ପାଇଁ ହଷ୍ଟେଲ ଗୁଡ଼ିକର ମୂଲ୍ୟାଙ୍କନ ନିମନ୍ତେ ଅଡ଼ିଟ୍ ଟିମ୍ କେଉଁଝର ଜିଲ୍ଲା ୩୨ଟି ହଷ୍ଟେଲ ଓ ସମ୍ବଲପୁରର ୧୨ଟି ହଷ୍ଟେଲ ପରିଦର୍ଶନ କରିଥିଲେ । ସମସ୍ତ ୪୪ଟି ହଷ୍ଟେଲ ଆସେସ୍‌ମେଂଟ ପାରାମିଟର କ୍ୱାଲିଫାଏ କରିଥିଲେ ଏବଂ ଭାରତୀୟ ମାନକ ସଂସ୍ଥା ଦ୍ୱାରା ମାନକ ପ୍ରାପ୍ତ ପ୍ରମାଣପତ୍ର ପାଇବାର (ଆଇଏସ୍ଓ) ମାନ୍ୟତା ପାଇଥିଲେ । ଲକ୍‌ଡାଉନ୍ ଓ କୋଭିଡ୍ ପରବର୍ତୀ ସ୍ୱାଭାବିକ ଅବସ୍ଥା ଆସିବା ପରେ ଅବଶିଷ୍ଟ ୨୮ଟି ହଷ୍ଟେଲର ମାନର ମୂଲ୍ୟାୟନ କରାଯିବ । ଆଦିବାସୀ ହଷ୍ଟେଲ ଗୁଡ଼ିକ ଆଇ.ଏସ.ଓ ମାନ୍ୟତା ପାଇବାରେ ଓଡ଼ିଶା ଦେଶଣ ପ୍ରଥମ ରାଜ୍ୟ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

କରୋନା ମହାଦୁର୍ନୀତିକୁ....

ଶହ ଶହ କୋଟିର ଅନୁଦାନର ବୈଧତା ଉପରେ ପ୍ରଶ୍ନ ଉଠାଇ ସରକାର ତୁରନ୍ତ ଏହି ଚୁକ୍ତିନାମାକୁ ବାତିଲ୍ କରି ଟଙ୍କା ଫେରାଇ ଆଣିବାକୁ ଦାବି କରିଥିଲେ । ସାମାନ୍ୟ ଖର୍ଚ୍ଚ ପାଇଁ ଶହ ଶହ କୋଟି ଟଙ୍କା

ଶୁକ୍ରବାର,୧୨ ଜୁନ୍ ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ବିଭିନ୍ନ ଜିଲ୍ଲାରେ କରୋନୋ ସଂକ୍ରମିତଙ୍କ ସଂଖ୍ୟା

ଭୁବନେଶ୍ୱର,୧୧।୬ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଲଗାତାର ଭାବେ ବଢି ଚାଲିଛି । ବର୍ତମାନ ଏହି ସଂଖ୍ୟା ୩୩୮୬ ହୋଇଥିବା ବେଳେ ଗଂଜାମ ଜିଲ୍ଲାରେ ସର୍ବାଧିକ ଆକ୍ରାନ୍ତ ରହିଛନ୍ତି । ଗଂଜାମ ଜିଲ୍ଲାରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ଆଜି ମଧ୍ୟ ୬୫୨ରେ ରହିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଯାଜପୁର ଜିଲ୍ଲାରେ ୩୨୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଖୋର୍ଧା ଜିଲ୍ଲାରେ ୩୦୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଭାବେ କଟକ ଜିଲ୍ଲାରେ ୨୧୬ ଜଣ, ବାଲେଶ୍ୱର ଜିଲ୍ଲାରେ ୧୯୭, କେନ୍ଦ୍ରାପଡା ଜିଲ୍ଲାରେ ୧୭୧ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଭଦ୍ରକ ଜିଲ୍ଲାରେ ୧୫୨, ଜଗତସିଂହପୁର ଜିଲ୍ଲାରେ ୧୩୦, ବଲାଙ୍ଗୀର ଜିଲ୍ଲାରେ ୧୨୪ ଜଣ ତଥା ପୁରୀ ଜିଲ୍ଲାରେ ୧୧୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ ଜିଲ୍ଲାରେ ୧୧୮ ଓ ନୟାଗଡ ଜିଲ୍ଲାରେ ୯୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏନଡିଆରଏଫ, ଓଡ୍ରାଫ ଓ ଅଗ୍ନିଶମ ବାହିନୀର ୧୧୫ ଜଣ କରୋନାରେ ଆକ୍ରାନ୍ତ ହୋଇଛନ୍ତି । ମୟୁରଭଂଜ ଜିଲ୍ଲାରେ ୯୨ ଜଣ ଓ ଗଜପତି ଜିଲ୍ଲାରେ ୭୯, ନୂଆପଡା ଜିଲ୍ଲାରେ ୭୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବିଭାଗ ପକ୍ଷରୁ କୁହା ଯାଇଛି ଯେ କେନ୍ଦୁଝର ଜିଲ୍ଲାରେ ୫୪, କନ୍ଧମାଳ ଜିଲ୍ଲାରେ ୫୨, ଢେଙ୍କାନାଳ ଜିଲ୍ଲାରେ ୪୨, ଦେବଗଡ ଜିଲ୍ଲାରେ ୩୮ କଳାହାଣ୍ଡି ଜିଲ୍ଲାରେ ୩୮ ତଥା ବୌଦ୍ଧ ଜିଲ୍ଲାରେ ୩୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଅନୁଗୁଳ ଜିଲ୍ଲାରେ ୩୩ ଓ ସୋନପୁର ଜିଲ୍ଲାରେ ୨୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ମାଲକାନଗିରି ଜିଲ୍ଲାରେ ୨୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁର ଜିଲ୍ଲାରେ ୧୮, ବରଗଡ ଜିଲ୍ଲାରେ ୧୮ ଓ କୋରାପୁଟ ଜିଲ୍ଲାରେ ୧୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଝାରସୁଗୁଡା ଜିଲ୍ଲାରେ ୧୩ , ରାୟଗଡା ଜିଲ୍ଲାରେ ୭ ଓ ନବରଙ୍ଗପୁର ଜିଲ୍ଲାରେ ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

ମାସ୍କ କିଣାରେ ବ୍ୟାପକ ଦୁର୍ନୀତି ଅଭିଯୋଗ :ଜିଲ୍ଲା କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ବାଲେଶ୍ୱର,୧୧।୬ (ନି.ପ୍ର): ମହାମାରୀ କରୋନା ମୁକାବିଲା ପାଇଁ ମାସ୍କ ଓ ଅନ୍ୟାନ୍ୟ ସାମଗ୍ରୀ କିଣାରେ ରାଜ୍ୟ ସରକାର ମହାଦୁର୍ନୀତି କରିଥିବା ଅଭିଯୋଗରେ ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନ କ୍ରମେ ସମଗ୍ର ଓଡ଼ିଶାରେ ଆଜି ବିକ୍ଷୋଭ ଓ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସର କର୍ମକର୍ତ୍ତା ଓ ବହୁ ସଦସ୍ୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚି ନିରବ ପ୍ରତିବାଦ ପ୍ରଦର୍ଶନ କରିଥିଲେ । ମହାମାରୀ କରୋନାରୁ ବର୍ତ୍ତିବା ପାଇଁ ରାଜ୍ୟବାସୀ ଅହରହ ଉଦ୍ୟମ କରିବା ସହ ସେମାନଙ୍କ ଜୀବନ ଜୀବିକା ଦୁର୍ବିସହ ହୋଇ ପଡ଼ିଥିବା ବେଳେ ଓଡ଼ିଶା ସରକାରଙ୍କ ଔଷଧ ନିଗମ ଦୁର୍ନୀତି ପରେ ଦୁର୍ନୀତି କରି ଚାଲିଛନ୍ତି ବୋଲି କଂଗ୍ରେସ ନେତାମାନେ ଅଭିଯୋଗ ଉଠାଇଛନ୍ତି । କରୋନା ସକ୍ରମଣ ମୁକାବିଲା ପାଇଁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶନାମା ଜାରି ପରେ ରାଜ୍ୟ ସରକାରଙ୍କ ଔଷଧ ନିଗମ ତାମିଲନାଡୁର ଏକ କମ୍ପାନିରୁ ୯ ଟଙ୍କା ମୂଲ୍ୟର ମାସ୍କକୁ ୧୬ ଟଙ୍କାରେ କିଣିଥିବା ସେମାନେ କହିଛନ୍ତି । ଏହି ମାସ୍କ କିଣାରେ କୋଟି କୋଟି ଟଙ୍କା ହଡ଼ପ୍ ହୋଇଥିବା ବେଳେ କରୋନା ଟେଷ୍ଟିଙ୍ଗ କିଟ୍, ରିଅଲ ଟାଇମ୍ ପିସିଆର ମେସିନ୍, କରୋନା ଯୁଝାଙ୍କ ବ୍ୟବହାର ପାଇଁ ଆବଶ୍ୟକ ପିପିଇ, ର୍ୟାପିଡ୍ କୋଭିଡ୍ ଟେଷ୍ଟିଙ୍ଗ୍ ମେସିନ୍ ପ୍ରଭୃତି କିଣାରେ ବି ବ୍ୟାପକ ଅନିୟମିତତା ହୋଇଥିବା ଜିଲ୍ଲା କଂଗ୍ରେସ କମିଟି କର୍ମକର୍ତ୍ତାମାନେ କହିଛନ୍ତି । ଏହି ଘୋଟାଲାର ଉଚ୍ଚସ୍ତରରୀୟ ତଦନ୍ତ କରାଯିବା ସହ ଏଥିରେ ସମ୍ପୃକ୍ତ ଔଷଧ ନିଗମର ଅଧିକାରୀଙ୍କ ସମେତ ରାଜ୍ୟ ସରକାରଙ୍କ ପଦସ୍ଥ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି । ଏହି ପରିପ୍ରେକ୍ଷୀରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ଏକ ସ୍ମାରକପତ୍ର ବାଲେଶ୍ୱର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ଦାବିପତ୍ର ପ୍ରଦାନ ବେଳେ ବାଲେଶ୍ୱର ନଗର କଂଗ୍ରେସ କମିଟି ସଭାପତି ପଦ୍ମଲୋଚନ ଲେଙ୍କା, ପୂର୍ବତନ ବିଧାୟକ ଚିତ୍ତ ରଂଜନ ଷଡ଼ଙ୍ଗୀ, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ସଂଜୀବ ଗିରି, ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞାପାରମିତା ମହାନ୍ତି, କୃଷ୍ଣଗୋପାଳ ପଣ୍ଡା, ଦେବଦତ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ଭୁବନେଶ୍ୱର ମହାନଗରରେ ବିଦ୍ୟୁତ ସେବା ଅଧିକ ସୁଦୃଢ଼ ହେବ

ଭୁବନେଶ୍ୱର,୧୧।୬ (ନି.ପ୍ର): ଶକ୍ତି ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନରେ ଖାରବେଳ ଭବନଠାରେ ଭୁବନେଶ୍ୱରର ତିନୋଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଶକ୍ତି ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନା ଗୁଡ଼ିକର ଅଗ୍ରଗତି ସମ୍ବନ୍ଧରେ ଏକ ସମୀକ୍ଷା ବୈଠକ ହୋଇଥିଲା । ଏହି ବୈଠକରେ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର (ଉତର) ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର (ମଧ) ବିଧାୟକ ଅନନ୍ତ ନାରାୟଣ ଜେନା, ଶକ୍ତି ବିଭାଗର ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ, ଟି.ପି.ସି.ଓ.ଡ଼ି.ଏଲ୍, ଅଧିକାରୀଙ୍କ ଦ୍ୱାରା ଭୁବନେଶ୍ୱର ଅଂଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ବର୍ତମାନ ସ୍ଥିତି ସମ୍ବନ୍ଧରେ ଏକ ସଂକ୍ଷିପ୍ତ ଉପସ୍ଥାପନା କରାଯାଇଥିଲା ।ଶକ୍ତି ମନ୍ତ୍ରୀ ଆଇ.ପି.ଡି.ଏସ୍ କାର୍ଯ୍ୟରେ ହେଉଥିବା ବିଳମ୍ବ ଯୋଗୁଁ କ୍ଷୋଭ ପ୍ରକାଶ କରିବା ସହ ଏହି କାର୍ଯ୍ୟ ତୁରନ୍ତ ସମାପ୍ତ କରିବାକୁ ଓ.ପି.ଟି.ସି.ଏଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଭୁବନେଶ୍ୱରର ବିଭିନ୍ନ ଅଂଚଳରେ ଭୂତଳ କେବୁଲ ବିଛା ଯାଉଥିବା ବେଳେ ସେଥିରେ ବାଲି ପୋତା ଯାଉନଥିବା ଯୋଗୁଁ ଲୋକଙ୍କ ସରକ୍ଷା ବ୍ୟାହତ ହେଉଥିବା ବିଷୟ ବୈଠକରେ ପ୍ରକାଶ ପାଇଥିଲା । ଏହି କାର୍ଯ୍ୟରେ ନିୟୋଜିତ ସମ୍ପୃକ୍ତ ସଂସ୍ଥା ଆବଶ୍ୟକ ନିର୍ଦ୍ଦେଶାଳବଳୀର ଅନୁପାଳନ ସୁନିଶ୍ଚିତ କରିବା ପାଇଁ ଓ.ପି.ଟି.ସି.ଏଲକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏତଦ୍ ବ୍ୟତୀତ ବୈଠକରେ ସହରର ବିଭିନ୍ନ ସ୍ଥାନରେ ଥିବା ଟ୍ରାନ୍ସଫରମର ଚାରିପଟେ ନୂଆ ପାଚେରୀ ନିର୍ମାଣ କରି ତଥା କେତେକ ସ୍ଥାନରେ ଥିବା ଭଙ୍ଗା ପାଚେରୀର ଉପଯୁକ୍ତ ମରାମତି ଯଥାଶୀଘ୍ର କରି ଜନଜୀବନତଥା ଜୀବଜନ୍ତୁଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଟି.ପି.ସି.ଓ.ଡିଏଲକୁ ନିର୍ଦ୍ଦେଶ ଦିଆଯାଇଥିଲା । ଉପଭୋକ୍ତା ମାନଙ୍କୁ ଉନ୍ନତ ମାନର ବିଦ୍ୟୁତ ଯୋଗାଣ ପାଇଁ ଭୁବନେଶ୍ୱର (ଏକାମ୍ର) ଅନ୍ତର୍ଗତ ନାଗେଶ୍ୱର ଟାଙ୍ଗି ଓ ଇଟିପୁର ତଥା ଭୁବନେଶ୍ୱର (ଉତର) ଅନ୍ତର୍ଗତ ଶ୍ରୀବିହାରଠାରେ ମୋଟ ତିନିଗୋଟି ନୂତନ ୩୩/ ୧୧ କେଭି ସବ୍‌ଷ୍ଟେସନ ନିର୍ମାଣ କରିବାକୁ ବୈଠକରେ ପ୍ରସ୍ତାବ ଉପସ୍ଥାପନ ହୋଇଥିଲା । ବୈଠକ ଶେଷରେ ମନ୍ତ୍ରୀ ବିଗତ ଅମ୍ପନ ସାମୁଦ୍ରିକ ବାତ୍ୟା ଜନିତ କ୍ଷତିଗ୍ରସ୍ତ ବିଦ୍ୟୁତ୍ ଭିତିଭୂମିର ତ୍ୱରିତ ପୁନରୁଦ୍ଧାର କରିଥିବା ଯୋଗୁଁ ମୁଖ୍ୟମନ୍ତ୍ରୀ ଶକ୍ତି ବିଭାଗର ଭୂୟସୀ ପ୍ରଶଂସା କରିଥିବା ବିଷୟ ଉଲ୍ଲେଖ କରିବା ସହ ବିଭିନ୍ନ ଯୋଜନାରେ ବାକିଥିବା ସମସ୍ତ କାର୍ଯ୍ୟ ଯୋଜନାକୁ ଅନୁରୂପ ଉତ୍ସାହର ସହ ସମ୍ପନ୍ନ କରିବାକୁ ଆହ୍ୱାନ ଦେଇଥିଲେ ।

ଭୁବନେଶ୍ୱରରେ ସିଲ୍ ହେଲା ୨୦ରୁ ଉର୍ଦ୍ଧ୍ୱ ଦୋକାନ

ଭୁବନେଶ୍ୱର,୧୧।୬ (ନି.ପ୍ର): କରୋନା ମହାମାରୀ ସମୟରେ ସାମାଜିକ ଦୂରତ୍ୱ ପାଳନ ନକରିବା ଏବଂ କୋଭିଡ୍ ଗାଇଡ୍ ଲାଇନ୍ ଉଲ୍ଲଙ୍ଘନ ଅଭିଯୋଗରେ ଗୁରୁବାର ଭୁବନେଶ୍ୱରରେ ୨୦ରୁ ଉର୍ଦ୍ଧ୍ୱ ମଲ୍ ଓ ଦୋକାନୁ ସିଲ୍ କରିଦିଆଯାଇଛି । ବିଏମସି ଓ ବିଡିଏ ର ମିଳିତ ସ୍କ୍ୱାର୍ଡ ଦ୍ୱାରା ଜନଗହଳି ହୋଇଥିବା ତଥା ସାମାଜିକ ଦୂରତ୍ୱ ପାଳନ ହେଉନଥିବା ଦୋକାନ ଗୁଡିକରେ ଚଢାଉ କରାଯାଇଥିଲା ଏବଂ ବନ୍ଦ କରିଦିଆଯାଇଥିଲା । ସିଲ ହୋଇଥିବା ପ୍ରମୁଖ ପ୍ରତିଷ୍ଠାନ ମଧ୍ୟରେ ରହିଛି ଭୁବନେଶ୍ୱର ଜନପଥ ରେ ଥିବା ଅମ୍ବର , ନୟାପଲ୍ଲୀ ସ୍ଥିତ ଭିଶାଲ ମେଗାମାର୍ଟ , କଳ୍ପନା ସ୍ଥିତ ତାରିଣୀ ବସ୍ତ୍ରାଳୟ । ସେହିପରି ରୂପାଲୀ ଛକ ଠାରେ ଥିବା ଲିଙ୍ଗରାଜ ଲସି ,ରବି ଟକିଜ୍ ଭାଇ-ଭାଇ ଟିଫିନ୍ ଷ୍ଟଲ୍ , ଏକାମ୍ର ରୋଡ୍ ରେ ଥିବା ଓମଫେଡ୍ ଷ୍ଟଲ୍ କୁ ମଧ୍ୟ ସିଲ୍ ହୋଇଛି ।

ମୌସୁମୀ ସମୟରେ ରେଳ ପୋଲ, ଟ୍ରାକ୍ ଓ ୟାର୍ଡ଼ ପ୍ରତି ସତର୍କ ଦୃଷ୍ଟି ରଖିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୧।୬ (ନି.ପ୍ର): ପ୍ରବଳ ବର୍ଷାଜନିତ ସଙ୍କଟ ପରିସ୍ଥିତିରେ ଯାତ୍ରୀମାନଙ୍କର ସୁରକ୍ଷା ଓ ରେଳ ଚଳାଚଳ କ୍ଷେତ୍ରରେ ନିରାପତାକୁ କଡ଼ାକଡ଼ି କରି ରେଳ ପୋଲ ଓ ରେଳ ଧାରଣାର ନିରାପତା ପ୍ରତି ସତର୍କ ଦୃଷ୍ଟି ରଖି କାର୍ଯ୍ୟ କରିବାକୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ରେଳପଥର ଅଧିକାରୀ ଓ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମୌସୁମୀକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ପ୍ରାକ୍ ସାବଧାନତା ଅବଲମ୍ବନ କରାଯାଉଛି । ସେଥିପାଇଁ ପାଣି ଧରିରଖୁଥିବା ଓ ପାର୍ଶ୍ୱ ଡ୍ରେନ୍‌ମାନଙ୍କରୁ ପଙ୍କମାଟି, ଝାଡ଼ି ଏବଂ ଅନ୍ୟାନ୍ୟ ବାଧକଗୁଡ଼ିକୁ ସଫା କରାଯାଉଛି । ରେଳ ପୋଲମାନଙ୍କୁ ମଧ୍ୟ ପରିଷ୍କାର କରାଯିବା ସହ ପଙ୍କମାଟିକୁ କଢ଼ାଯାଉଅଛି ଯାହାଫଳରେ ପାଣି ଜମା ନରହି ସଠିକ୍ ଭାବେ ଅତିକ୍ରମ କରିପାରିବ ।

୨୪ ଘଂଟା ଖୋଲା ରହୁଥିବା ପୂର୍ବ ତଟ ରେଳପଥ କଂଟ୍ରୋଲ୍ ଅଫିସ୍ କ୍ରମାଗତଭାବେ ପାଣିପାଗ ବିଭାଗ, ଆପଦ ପ୍ରବନ୍ଧକ କକ୍ଷ ଏବଂ ବନ୍ୟା ପ୍ରବଣ ଅଂଚଳରେ ନିଯୁକ୍ତ ଥିବା କର୍ମଚାରୀମାନଙ୍କ ସହ ଲଗାତର ସମ୍ପର୍କରେ ଥାଇ ନିରନ୍ତର ଭାବେ ଦୃଷ୍ଟି ରଖି ପରିସ୍ଥିତିର ଅନୁଧ୍ୟାନ କରୁଛି । ଏଥିପାଇଁ ରାଜ୍ୟ ସରକାରଙ୍କ ଜଳସେଚନ ବିଭାଗ ସହ ସମନ୍ୱୟ ରକ୍ଷା କରାଯାଉଛି ଯାହାଫଳରେ ପାଣିକୁ ରେଳଧାରଣା କଡ଼ରୁ ହଟାଇ ଦିଆଯାଇପାରିବ । ଦରକାର ହେଲେ ରେଳଧାରଣାକୁ ସୁରକ୍ଷା ଦେବା ପାଇଁ ନଦୀ ଓ ଜଳ ଗଚ୍ଛିତ ଅଂଚଳରୁ ପାଣି କଢ଼ାଯିବାର ବ୍ୟବସ୍ଥା କରାଯିବ । ପୋଲମାନଙ୍କରେ ପିଲାରଗୁଡ଼ିକରେ ବିପଦ ସଙ୍କେତ ଚିହ୍ନକୁ ମଧ୍ୟ ନାଲି ଉଜ୍ଜ୍ୱଳ ସାଙ୍କେତିକ ବ୍ୟବସ୍ଥା କରାଯାଉଅଛି ଯାହା ଦ୍ୱାରା ରେଳବାଇ ପ୍ରହରା ଓ ନିରାପତା କର୍ମଚାରୀମାନେ ସଠିକ ଭାବେ ଦେଖିପାରିବେ । ରେଳଧାରଣା ଉପରେ ପାଣି ଜମା ହୋଇ ନ ରହିବା ପାଇଁ ବ୍ୟବସ୍ଥା କରାଯାଉଛି । ଷ୍ଟେସନର ୟାର୍ଡ଼, ଡ୍ରେନ୍‌ଗୁଡ଼ିକୁ ମଧ୍ୟ ସଫା କରାଯାଇଛି । ବର୍ଷା ସମୟରେ ରେଳଧାରଣା ପ୍ରତି ସତର୍କ ଦୃଷ୍ଟି ରଖିବାକୁ ପ୍ରହରୀ / ଜଗୁଆଳୀ ବ୍ୟବସ୍ଥା କରାଯାଇଛି । କୌଣସି ବିପଦ ନଜରକୁ ଆସିଲେ ସେମାନେ ଟ୍ରେନ୍‌କୁ ଅଟକାଇ ଯାତ୍ରୀମାନଙ୍କର ଧନଜୀବନକୁ ସୁରକ୍ଷା ଦେଇପାରିବେ । ପ୍ରବଳ ବର୍ଷା ସମୟରେ ରେଳ ସେକ୍ସନର ଗ୍ୟାଙ୍ଗମ୍ୟାନ୍ ସେମାନଙ୍କର ସେକ୍ସନରେ ରେଳ ପୋଲ ଓ ରେଳ ଧାରଣାର ନିରାପତା ପ୍ରତି ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଯାହାଫଳରେ ରେଳ ଚଳାଚଳକୁ ସ୍ୱାଭାବିକ କରାଯିବା ସହ ଯାତ୍ରୀମାନଙ୍କର ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଇପାରିବ । ଏଥିପାଇଁ ପୂର୍ବ ତଟ ରେଳପଥ ପକ୍ଷରୁ ନିରାପତା ସାମଗ୍ରୀକୁ ଯଥା ବାଲାଷ୍ଟପଥର, ବାଲିବସ୍ତା, ପାଉଁଶ ବସ୍ତା, ଖଣିମାନଙ୍କରେ ଅବ୍ୟବହୃତ ମାଟି, ଇତ୍ୟାଦୀକୁ ସମ୍ବେଦନଶୀଳ ସ୍ଥାନମାନଙ୍କରେ ପର୍ଯ୍ୟାପ୍ତ ମାତ୍ରାରେ ଗଚ୍ଛିତ କରାଯାଉଛି । ଇଞ୍ଜିନିୟରିଂ ରିଲିଫ୍ ଭ୍ୟାନ୍ ସହ ନିରାପତା ସାମଗ୍ରୀକୁ ମଧ୍ୟ ପ୍ରସ୍ତୁତ କରି ରଖାଯାଇଛି । ଏହା ସହିତ ସିମେଂଟ୍ କଙ୍କ୍ରିଟ୍ କ୍ରିର୍ ଏବଂ ପୋଲମାନଙ୍କରେ ବ୍ୟବହୃତ ଗାର୍ଡ଼ରକୁ ମଧ୍ୟ ପ୍ରସ୍ତୁତ କରି ରଖାଯାଇଛି ଯାହାଫଳରେ ଦରକାର ଆସିଲେ ଏଗୁଡ଼ିକୁ ସ୍ଥାନାନ୍ତର କରାଯାଇପାରିବ । ଏତଦ୍ ବ୍ୟତୀତ ପୂର୍ବ ତଟ ରେଳପଥ ଭାରତୀୟ ପାଣିପାଗ ବିଭାଗ ସହ ମଧ୍ୟ ଲଗାତର ସଂଯୋଗ ରକ୍ଷା କରିଚାଲିଛି ଯାହାଫଳରେ ସଙ୍କେତ ମିଳିବା କ୍ଷଣି ରେଳପଥ ଏହାର କର୍ମଚାରୀଙ୍କୁ ପରିସ୍ଥିତିକୁ ସାମ୍ନା କରିବା ପାଇଁ ପ୍ରୟୋଗ କରିପାରିବ ।

ରାଜ୍ୟରେ ହେବ ମହାପୁରୁଷଙ୍କ ପ୍ରତିମୂର୍ତି ସ୍ଥାପନ

ଭୁବନେଶ୍ୱର,୧୧।୬ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିକା ପ୍ରଦର୍ଶନ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ପ୍ରତିମୂର୍ତିଗୁଡ଼ିକ ପ୍ରାଥମିକତା ଭାବେ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ଥାପନ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ଏ ନେଇ ଲୋକ ସେବା ଭବନଠାରେ ବିଭାଗୀୟ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକରେ ଏହା ସ୍ଥିର କରାଯାଇଛି । ତା'ଛଡ଼ା ପୂର୍ବରୁ ବିଭିନ୍ନ ସ୍ଥାନରୁ ଆସିଥିବା ମୂର୍ତି ସ୍ଥାପନ ପ୍ରସ୍ତାବଗୁଡ଼ିକୁ ମଧ୍ୟ ଅଗ୍ରାଧିକାର ଭିତିରେ ବିଚାରକୁ ନିଆଯିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ଯେଉଁ ସବୁ ସ୍ଥାନରେ ମୂର୍ତି ସ୍ଥାପନ ସ୍ଥଳୀଗୁଡ଼ିକରେ ଜମିର ସୌନ୍ଦର୍ଯ୍ୟକରଣର ଆବଶ୍ୟକତା ଥାଏ ତେବେ ସେଗୁଡ଼ିକ ମଧ୍ୟ କରିବାକୁ ଅର୍ଥ ବ୍ୟୟର ପ୍ରାବଧାନ କରାଯିବ । ଏତଦ୍ ବ୍ୟତୀତ ସରକାରଙ୍କ ଦ୍ୱାରା ସ୍ଥାପିତ ସମସ୍ତ ପ୍ରତିମୂର୍ତିର ଦୁଇ ବର୍ଷରେ ଥରେ ରକ୍ଷଣାବେକ୍ଷଣ କାର୍ଯ୍ୟ ନିଶ୍ଚିତ ଭାବେ କରିବାକୁ ବିଭାଗ ନୀତିଗତ ଭାବେ ସିଦ୍ଧାନ୍ତ ନେଇଛି । ଏହି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଶ୍ରୀ ବିଜୟ କୁମାର ନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀର ସମ୍ପାଦିକା ଶ୍ରୀମତୀ ଶୁଚିସ୍ମିତା ମନ୍ତ୍ରୀ, ସଙ୍ଗୀତ ନାଟକ ଏକାଡେମୀର ସମ୍ପାଦକ ଶ୍ରୀ ପ୍ରବୋଧ ରଥ, ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଡଃ ସଙ୍ଗୀତା ଗୋସାଇଁ ଓ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ ।

ବିପ୍ଳବୀ ନେତା ଗଣନାଥ ପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା

ଜଳେଶ୍ୱର,୧୧।୬(ନିପ୍ର) : ଶିକ୍ଷକ, ଶ୍ରମିକ, କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ କୃଷି, ଜମି, ଜଳ ଓ ବିସ୍ଥାପିତ ଆନ୍ଦୋଳନର ମହାନାୟକ ଗଣନାଥ ପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା ଦିଗମ୍ବରୀ ଦେବୀ +୨ ବିଜ୍ଞାନ ମହାବିଦ୍ୟାଳରେ ସାମାଜିକ ଦୂରତା ରକ୍ଷା କରି ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଦିଲ୍ଲିପ କୁମାର ଗିରି ସଭାପତିତ୍ୱ କରି ଗଣନାଥ ପାତ୍ରଙ୍କ ଜୀବନ ସଂଗ୍ରାମ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସେ ବାଣିଦା ଗ୍ରାମର ସଂଗ୍ରାମ ଜୀବନ ଆରମ୍ଭ କରି ସର୍ବଭାରତୀୟ ସ୍ତରରେ ନିଜକୁ ଜଣେ ନିସ୍ୱ ତଥା ସର୍ବହରାର ନାୟକଭାବେ ପରିଚିତ କରାଇ ପାରିଥିଲେ । ଅନ୍ୟମାନଙ୍କ ମଧ